## ସଂକ୍ଷେପରେ

### ସନ୍ଧ୍ୟା ୬ ସୁଦ୍ଧା ୬୫ ପ୍ରତିଶତ ମତଦାନ

ବାଲିକୁଦା,୨୯।୪(ସ୍ୱ.ପ୍ର.): ବାଲିକୁଦା ବ୍ଲକରେ ସନ୍ଧ୍ୟା ୬ଟା ସୁଦ୍ଧା ରେକର୍ଡ ୬୫ ପ୍ରତିଶତ ମତଦାନ ହୋଇଥିବା ଜଣାପଡିଛି। ଏହା ସାରା ଜିଲ୍ଲାର ଅନ୍ୟ ବ୍ଲକ ତୁଳନାରେ ଅଧିକ ବୋଲି କୁହାଯାଉଛି। ତେବେ ଅନେକ ସ୍ଥାନରେ ଇଭିଏମ୍‌ରେ ତ୍ରୁଟି କାରଣରୁ ରାତି ଅଧ ପର୍ଯନ୍ତ ମତଦାନ ଚାଲିଥିଲା। ୨୫ରୁ ବେଶୀ ବୁଥ୍‌ରେ ଇଭିଏମ ତ୍ରୁଟି ପରିଲକ୍ଷିତ ହୋଇଥିଲା। କେଉଁଠି ଆମ୍ଭରୁ ତ ଆଉ କେଉଁଠି ଭୋଟ ଗ୍ରହଣର ଅଧାରୁ ଇଭିଏମ୍ ଅଚଳ ହୋଇଯାଇଥିଲା। ନାଗପୁର ପଞ୍ଚାୟତର ୧୬୪ ନମ୍ବର ବୁଥ ଓ ବୋରିକିନା ପଞ୍ଚାୟତର ୨୩୯ ନମ୍ବର ବୁଥ୍‌ରେ୍‌ରେ ଦିନ ୮ଟାରେ ମତଦାନ ହୋଇଥିଲା। ଓଡିନ୍ଦା ମଡେଲ ମତଦାନ କେନ୍ଦ୍ରର ୨୫୬ ନମ୍ବର ବୁଥ୍‌ରେ ଅଧାରୁ ଇଭିଏମ୍‌ରେ ତୃଟି ଦେଖାଯାଇଥିଲା। ତେଣୁ ୧ ଘଣ୍ଟା ମତଦାନ ବନ୍ଦ ରହିଥିଲା। ସେତେବେଳକୁ ୧୧୪ ଜଣ ଭୋଟର ଭୋଟ୍ ଦେଇଥିଲେ। ପରେ ବ୍ଲକ ପ୍ରଶାସନ ଅନ୍ୟ ଏକ ଇଭିଏମ୍ ସେଠାରେ ପହଞ୍ଚାଇବା ପରେ ମତଦାନ ହୋଇଥିଲା। ରାୟପୁରର ୧୦ ନମ୍ବର ବୁଥ୍‌ରେ ଦିନ ୧ଟା ୨୦ ମିନିଟ୍‌ରୁ ଅଚଳାବସ୍ଥା ଦେଖାଦେଇଥିଲା। ସେତେବେଳକୁ ବୁଥ୍‌ରେ ୩୭୨ ଭୋଟର ଭୋଟ୍ ଦେଇଥିଲେ। ଡୋଭାଲୋ, ଓଳାଷର ୨୩, ୨୪ ବୁଥ, ଅଳାଭରର ୧୭୨ ଓ ୧୭୪ ନମ୍ବର ବୁଥ୍ ଏବଂ ଅରିଲୋର ୪ ନମ୍ବର ବୁଥ୍‌ରେ ମକ ପୋଲରୁ ହିଁ ମେସିନ୍ ଅଚଳ ହୋଇଯାଇଥିଲା। ବ୍ଲକ ନିର୍ବାଚନ ଅଧିକାରୀ କଲ୍ୟାଣୀ ପଟ୍ଟନାୟକ, ଏବିଡିଓ ଅଜୟ ବେହେରା, ଜିପିଇଓ ଲୋପାମୁଦ୍ରା ସାହୁ, ମଙ୍ଗଳ ଅଧିକାରୀ ପ୍ରମୋଦ ବିଶ୍ୱାଳ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟବ୍ରତ ସେଠୀ ପ୍ରମୁଖ ସେହି ସବୁ ବୁଥ୍ ଗୁଡିକରେ ପୁଣି ଇଭିଏମ୍ ପହଞ୍ଚାଇବା ପରେ ସେଠାରେ ମତଦାନ କରାଯାଇଥିଲା।

### କର୍ମଚାରୀଙ୍କୁ ଅଟକ ରଖିଲେ ଭୋଟର

ନାଉଗାଁ,୨୯।୪(ସ୍ୱ.ପ୍ର.): ନାଉଗାଁ ବ୍ଲକ ବାଂଶ ପଞ୍ଚାୟତର ଚାନ୍ଦପୁରରେ ଥିବା ୨୦୬ ନଂ. ବୁଥ୍‌ରେ ମତଦାନ ବିଳମ୍ବ ହୋଇଛି। ରାତି ପର୍ଯ୍ୟନ୍ତ ପ୍ରାୟ ୨ଶହରୁ ଉର୍ଦ୍ଧ୍ୱ ଭୋଟର ଭୋଟ ଦେଇପାରି ନ ଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ସେମାନେ ପୋଲିଂ କର୍ମଚାରୀମାନଙ୍କୁ ଅଟକ ରଖିଛନ୍ତି। ରିପୋର୍ଟ ଲେଖାଯିବା ସୁଦ୍ଧା ଏହାର କୌଣସି ସମାଧାନ ହୋଇପାରିନାହିଁ।

■ ଜଗତ୍‌ସିଂହପୁର: ନିର୍ବାଚନ ଆପାତତଃ ଶାନ୍ତିପୂର୍ଣ୍ଣ

# ରାତି ପର୍ଯ୍ୟନ୍ତ ଚାଲିଲା ମତଦାନ

ଜଗତ୍‌ସିଂହପୁର ଅଫିସ, ୨୯।୪

■ ଅନେକ ସ୍ଥାନରେ ଇଭିଏମ୍ ଅଚଳ, ବୟସ୍କ ଓ ଭିନ୍ନକ୍ଷମଙ୍କୁ ଉପେକ୍ଷା

■ ଅପରାହ୍ଣ ୫ଟା ସୁଦ୍ଧା ୫୮.୪% ମତଦାନ

ସୋମବାର ସାଧାରଣ ନିର୍ବାଚନର ୪ର୍ଥ ପର୍ଯ୍ୟାୟରେ ଜଗତସିଂହପୁର ଜିଲାରେ ମତଦାନ ହୋଇଛି। ଜିଲାରେ ନିର୍ବାଚନ ଆପାତତଃ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଥିବାବେଳେ କାଁ ଭାଁ କେତେକ ସ୍ଥାନରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଜିଲାର ୪ ବିଧାନସଭା ନିର୍ବାଚନମଣ୍ଡଳୀର ଶତାଧିକ ବୁଥ୍‌ରେ ଇଭିଏମ୍, ଭିଭିପିଏଟି ସମସ୍ୟା ଦେଖାଦେଇଥିଲା। ଏଥିଯୋଗୁ ମତଦାନରେ ବାଧା ସୃଷ୍ଟି ହୋଇଥିଲା। ଅନୁରୂପ ଭାବେ ମଡେଲ ବୁଥଗୁଡିକରେ ଲସି, ସର୍ବତ, କୋଲ୍ଡ ଡ୍ରିଙ୍କସ୍ ଆଦି ବ୍ୟବସ୍ଥା କରାଯାଇଥିବା କୁହାଯାଇଥିଲେ ସୁଦ୍ଧା ଏହା ହୋଇ ନ ଥିଲା। ଏପରି କି ଅନେକ ସ୍ଥାନରେ ବୃଦ୍ଧ ଓ ଭିନ୍ନକ୍ଷମଙ୍କୁ ସେମାନଙ୍କ ଘରୁ ନେବାଆଣିବା କରାଯାଇ ନ ଥିଲା। ବୁଥଗୁଡିକରେ ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମଙ୍କ ବସିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ନ ଥିବାରୁ କେତେକ ସ୍ଥାନରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏସବୁ ସତ୍ତ୍ୱେ ଅପରାହ୍ଣ ୫ଟା ସୁଦ୍ଧା ଜିଲାରେ ୫୮.୦୪% ମତଦାନ ହୋଇଥିବା ସୂଚନା ମିଳିଛି।



ଜଗତ୍‌ସିଂହପୁରରେ ଏକ ମତଦାନ କେନ୍ଦ୍ର ଆଗରେ ଭୋଟରଙ୍କ ଧାଡ଼ି।

ଜିଲାର ଅଧିକାଂଶ ବୁଥ୍‌ରେ ସନ୍ଧ୍ୟା ପରେ ମଧ୍ୟ ମତଦାନ ଚାଲିଥିବା ଜଣାଯାଇଛି। ପ୍ରବଳ ଖରା ଯୋଗୁ ଭୋଟରମାନେ ବିଳମ୍ବରେ ବୁଥ୍‌ରେ ପହଞ୍ଚିବାରୁ ଏଭଳି ବିଳମ୍ବ ହୋଇଥିବା କୁହାଯାଉଛି।

ସୂଚନା ଅନୁଯାୟୀ, ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କାଦୁଆପଡ଼ା ବୁଥ ସଂଖ୍ୟା ୧୩୫ରେ ଇଭିଏମ୍ ଖରାପ ଥିବାରୁ ମତଦାନରେ ବିଳମ୍ବ ହୋଇଥିଲା। ଇଭିଏମ୍ ବଦଳାଯାଇ ନୂଆ ବ୍ୟବହାର ହେବାକୁ ପାଖାପାଖି ୮.୪୦ ହୋଇଯାଇଥିଲା। ଏନେଇ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଥିଲା। ଏପରି କି ହ୍ୱିଲ ଚେୟାର ନ ଥିବାରୁ ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକ ବୁଥକୁ ଯିବା ଆସିବା କରିବାରେ ସମସ୍ୟା ଦେଖାଦେଇଥିଲା। ବସିବା ସୁବିଧା ନ ଥିବାରୁ ଜଣେ ବରିଷ୍ଠ ନାଗରିକ ତଳେ ପଡି ଯାଇଥିଲେ। ସେହିପରି ଜଗତ୍‌ସିଂହପୁର ପୌର ପରିଷଦ ଅନ୍ତର୍ଗତ ଟାଉନ ହଲ୍ ପରିସର ବୁଥରେ ମଧ୍ୟ ଇଭିଏମ୍ ଥରେ ନୁହେଁ ୩ ଥର ଖରାପ ହୋଇଥିଲା। ଏହାକୁ ବଦଳାଯିବା ପାଇଁ ସମୟ ଲାଗିଥିଲେ ସୁଦ୍ଧା ସେଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନ ଥିଲା। ପରିଷଦ ଅନ୍ତର୍ଗତ ଅତାମଳା ସମେତ ଜିଲାର ଶତାଧିକ ବୁଥ୍‌ରେ ଇଭିଏମ୍, ଭିଭିପାର୍ଟ ଖରାପ ହେବାରୁ ମତଦାନ ବାଧାପ୍ରାପ୍ତ ହୋଇଥିଲା। ତେବେ ଅପରାହ୍ଣ ୫ଟା ସୁଦ୍ଧା ଜିଲାରେ ୫୮.୪% ମତଦାନ ହୋଇଥିବା ଜଣାଯାଇଛି। ସେଥିମଧ୍ୟରୁ ୧୦୧-ପାରାଦୀପ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୫୭.୬୩%, ୧୦୨-ତିର୍ତ୍ତୋଲ ୫୭.୮୧%, ୧୦୩-ବାଲିକୁଦା-ଏରସମା ୫୯.୭୪ ଓ ୧୦୪-ଜଗତ୍‌ସିଂହପୁର ବିଧାନସଭା ଆଶନରେ ୫୭% ମତଦାନ ହୋଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ଇଭିଏମ୍ ଓ ଭିଭିପିଏଟି ଆଦି ଦାଖଲ କରିବା ପାଇଁ ସ୍ଥିର ହୋଇଥିବା ସ୍ଥାନୀୟ ଏସ୍‌ଭିଏମ୍ ମହାବିଦ୍ୟାଳୟ ପରିସରରେ ଅଧିକାଂଶ ପୋଲିଂ କର୍ମଚାରୀ ପହଞ୍ଚି ନାହାନ୍ତି। ପ୍ରତ୍ୟେକ ପୋଲିଂ ଟିମ୍ ଜଗତ୍‌ସିଂହପୁରରେ ପହଞ୍ଚିବାରେ ଯଥେଷ୍ଟ ବିଳମ୍ବ ହେବା ସମ୍ଭାବନା ଥିବାରୁ ବାସ୍ତବ ଚିତ୍ର ସ୍ପଷ୍ଟ ହୋଇନାହିଁ।

■ ବିଭିନ୍ନ ଭୋଟ୍ କେନ୍ଦ୍ରରେ ଇଭିଏମ୍ ଅଚଳ

# ବିଳମ୍ବରେ ଆରମ୍ଭ ହେଲା ମତଦାନ

ରଘୁନାଥପୁର,୨୯।୪(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ଅଞ୍ଚଳରେ ଥିବା ୭୫ଟି ବୁଥ୍‌ରେ ସୋମବାର ଶାନ୍ତିଶୃଙ୍ଖଳା ସହ ମତଦାନ ଶେଷ ହୋଇଛି। ତଅଁରା ୧୨୪ନଂ. ବୁଥରେ ୨ଘଣ୍ଟା ଓ ଅଢେଇକୂଳ ବଡକୋରକୋର ୧୨୬ନଂ. ବୁଥ ଇଭିଏମରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ୩ଘଣ୍ଟା ବିଳମ୍ବରେ ମତଦାନ ହୋଇଥିଲା। ପୁରଣ, ଇଚ୍ଛାପୁର, ପୁରୁଣାବସନ୍ତ ସମେତ ୭ଟି ବୁଥରେ ଧାର୍ଯ୍ୟ ସମୟଠାରୁ ବିଳମ୍ବିତ ସମୟ ପର୍ଯ୍ୟନ୍ତ ମତଦାନ ହୋଇଥିବା ଦେଖାଯାଇଥିଲା। ସନ୍ଧ୍ୟା ୫ଟା ସୁଦ୍ଧା ୫୭ପ୍ରତିଶତ ମତଦାନ ହୋଇଥିବା ବିଡିଓ ପଞ୍ଚାନନ ପଟାୟତ କହିଛନ୍ତି। ବିଦ୍ୟାଧରପୁର ଓ ଅଢେଇକୂଳ ପଞ୍ଚାୟତରେ ଭୋଟରଙ୍କ ମଧ୍ୟରେ ଉତ୍ତେଜନା ଦେଖାଯାଇଥିଲେ ମଧ୍ୟ ପୋଲିସ ପହଞ୍ଚି ଆୟତ୍ତ କରିଥିଲେ। ପୋଲିସ ମୋବାଇଲ ଟିମ ବିଭିନ୍ନ ବୁଥକୁ ଯାଇ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖିଥିଲା ବୋଲି ଆଇଆଇସି ବବିତା ଦଳାଇ କହିଛନ୍ତି। ରେତୁଆ ମୋହନପୁରର ବାବଜି ସ୍ୱାଇଁ(୭୦) ୧୮୯ନଂ. ବୁଥରେ ମତଦାନ ଦେବା ପରେ ଅଚେତ ହୋଇପଡିଥିଲେ। ଚିକିତ୍ସା ପାଇଁ ତାଙ୍କୁ ଜଗତ୍‌ସିଂହପୁର ମେଡିକାଲ ପରେ କଟକ ବଡ଼ ମେଡିକାଲକୁ ପଠାଯାଇଥିବା ଜଣାପଡିଛି।


**ପୂର୍ବ ତଟ ରେଳପଥ**

**ଭଡ଼ା ସୂତ୍ରରେ ଗାଡ଼ି**

ଫାଇଲ ନଂ.DRM/Engg/KUR/19-20/E-tender/06, ତା.25.04.2019ରିଖ

1. ଟେଣ୍ଡର ବିଜ୍ଞପ୍ତି ସଂ.e-Tender-NORTH-KUR-20-2019, ତା.18.04.2019ରିଖ

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ / କେନ୍ଦୁଝରଗଡ଼ଙ୍କ ନିମନ୍ତେ ଗୋଟିଏ ହାଲୁକା ମୋଟର ଗାଡ଼ି(ଟାଟା ସୁମୋ / ବୋଲେରୋ କିମ୍ବା ଅନୁରୂପ ଗାଡ଼ି) ଭଡ଼ା ସୂତ୍ରରେ ନେବା ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 15.50 ଲକ୍ଷ, EMD (ଟଙ୍କାରେ) : 31,000/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 2,360/-, ଶେଷ ହେବା ଅବଧି : 36 (ଛତିଶି) ମାସ ।

2. ଟେଣ୍ଡର ବିଜ୍ଞପ୍ତି ସଂ.e-Tender-ESTATE-KUR-21-2019, ତା.18.04.2019ରିଖ

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ (ସେଟେଲମେଣ୍ଟ) / ମୁଖ୍ୟାଳୟ / ଚନ୍ଦ୍ରଶେଖରପୁରଙ୍କ ନିମନ୍ତେ ଗୋଟିଏ ହାଲୁକା ମୋଟର ଗାଡ଼ି (ଟାଟା ସୁମୋ / ମହିନ୍ଦ୍ରା ବୋଲେରୋ କିମ୍ବା ଅନୁରୂପ ନନ୍-ଏସି) ଭଡ଼ା ସୂତ୍ରରେ ନେବା (ଦୁଇ ବର୍ଷ ସମୟାବଧି ନିମନ୍ତେ) ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 8.90 ଲକ୍ଷ, EMD (ଟଙ୍କାରେ) : 17,800/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 2,360/-, ଶେଷ ହେବା ଅବଧି : 24 (ଚବିଶି) ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ଉଭୟ ଟେଣ୍ଡର ନିମନ୍ତେ) : ତା.10.05.2019 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବକୁ ଫାର୍ମ (Firm) ର ଲେଟର ହେଡ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ । ସେହି ସବୁ ମାନୁଆଲ ପ୍ରସ୍ତାବ ଗୁଡ଼ିକୁ ଅବୈଧ ଭାବେ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାନଯାଇ ନାକଚ କରି ଦିଆଯିବ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ଦଶ ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଂ)

PR-56 (A)/K/19-20 ଖୋର୍ଦ୍ଧା ରୋଡ଼



**ପୂର୍ବ ତଟ ରେଳପଥ**

**ଭଡ଼ା ସୂତ୍ରରେ ଗାଡ଼ି**

1. ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-OT-VEH-SSES-PURI-149, ତା.24.04.2019ରିଖ

କାର୍ଯ୍ୟର ନାମ : 24 ମାସ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(ସିଗ୍ନାଲ) ଭାରପ୍ରାପ୍ତ / ପୁରୀଙ୍କ ବିଭାଗୀୟ ବ୍ୟବହାର ନିମନ୍ତେ ପ୍ରସ୍ତାବିତ TATA-207 DI EX କିମ୍ବା ଅନୁରୂପ ଗାଡ଼ି ଭଡ଼ା ସୂତ୍ରରେ ନେବା ।

ଟେଣ୍ଡର ମୂଲ୍ୟ (ଟଙ୍କାରେ) : 9,50,568.08, EMD (ଟଙ୍କାରେ) : 19,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 2,360/-(18% GST ସହିତ) ।

2. ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-OT-VEH-SSES-BBS-150, ତା.24.04.2019ରିଖ

କାର୍ଯ୍ୟର ନାମ : ଅବଶିଷ୍ଟ 24 ମାସ ଅବଧି ନିମନ୍ତେ ସିଗ୍ନାଲିଙ୍ଗ୍ ପରିସଂପତ୍ତି (Assets)ର ରକ୍ଷଣାବେକ୍ଷଣ, ବ୍ରେକ୍‌ଡାଉନ୍ ସ୍ଥଳରେ ଉପସ୍ଥିତ (Attending Breakdown) ହେବା ଏବଂ ଯାତ୍ରା ସମୟରେ ଅଟକ (Enroute Detention) କୁ ଦୂର କରିବା ନିମନ୍ତେ ସିନିୟର ସେକ୍ସନ ଇଂଜିନିୟର / ସିଗ୍ନାଲ / ଭୁବନେଶ୍ୱର ଅଧୀନରେ ସିଗ୍ନାଲିଙ୍ଗ୍ କର୍ମଚାରୀ ଏବଂ ସାମଗ୍ରୀଗୁଡ଼ିକର ପରିବହନ ନିମନ୍ତେ ଦିନ ରାତି (Round the clock) ଚାଳକ ସହିତ TATA-207 DI କିମ୍ବା ଅନୁରୂପ ଗୋଟିଏ ବହୁ-ଉପଯୋଗିତା ଗାଡ଼ି ଭଡ଼ା ସୂତ୍ରରେ ନେବା ।

ଟେଣ୍ଡର ମୂଲ୍ୟ (ଟଙ୍କାରେ) : 8,47,536/-, EMD (ଟଙ୍କାରେ) : 17,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 2,360/-(18% GST ସହିତ) ।

3. ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-OT-VEH-SSES-BALU-151, ତା.24.04.2019ରିଖ

କାର୍ଯ୍ୟର ନାମ : ଅବଶିଷ୍ଟ 24 ମାସ ଅବଧି ନିମନ୍ତେ ସିଗ୍ନାଲିଙ୍ଗ୍ ପରିସଂପତ୍ତି (Assets)ର ରକ୍ଷଣାବେକ୍ଷଣ, ବ୍ରେକ୍‌ଡାଉନ୍ ସ୍ଥଳରେ ଉପସ୍ଥିତ (Attending Breakdown) ହେବା ଏବଂ ଯାତ୍ରା ସମୟରେ ଅଟକ (Enroute Detention) କୁ ଦୂର କରିବା ନିମନ୍ତେ ସିନିୟର ସେକ୍ସନ ଇଂଜିନିୟର / ସିଗ୍ନାଲ / ବାଲୁଗାଁ ଅଧୀନରେ ସିଗ୍ନାଲିଙ୍ଗ୍ କର୍ମଚାରୀ ଏବଂ ସାମଗ୍ରୀଗୁଡ଼ିକର ପରିବହନ ନିମନ୍ତେ ଦିନ ରାତି (Round the clock) ଚାଳକ ସହିତ TATA-207 DI କିମ୍ବା ଅନୁରୂପ ଭଳି ଗୋଟିଏ ବହୁ-ଉପଯୋଗିତା ଗାଡ଼ି ଭଡ଼ା ସୂତ୍ରରେ ନେବା ।

ଟେଣ୍ଡର ମୂଲ୍ୟ (ଟଙ୍କାରେ) : 8,22,336/-, EMD (ଟଙ୍କାରେ) : 16,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 2,360/-(18% GST ସହିତ) ।

4. ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-OT-VEH-TRUCK-KUR-152, ତା.24.04.2019ରିଖ

କାର୍ଯ୍ୟର ନାମ : 24 ଘଣ୍ଟିଆ ଉପଲବ୍ଧତା ସହିତ 24 ମାସ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ଖୋର୍ଦ୍ଧା ରୋଡ଼ ଠାରେ ସିନିୟର ସେକ୍ସନ ଇଂଜିନିୟର(ଦକ୍ଷିଣ)ଙ୍କ ନିମନ୍ତେ SWARAJ MAZDA LIMITED SARTAJ HG 72 BS-IV 3335 / Eicher 10.75 E2 PLUS 3515 କିମ୍ବା ଅନୁରୂପ ମେକ୍ ଏବଂ ମଡେଲ ବିଶିଷ୍ଟ 4.5 ଟନ୍ ବୋଝେଇ କ୍ଷମତାଯୁକ୍ତ ଟ୍ରକ୍ ଭଡ଼ା ସୂତ୍ରରେ ନେବା ଏବଂ ପରିଚାଳନା ।

ଟେଣ୍ଡର ମୂଲ୍ୟ (ଟଙ୍କାରେ) : 11,28,116.10, EMD (ଟଙ୍କାରେ) : 22,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 2,360/-(18% GST ସହିତ) ।

ବିଡ୍ ଆରମ୍ଭ ହେବା ତାରିଖ (ସମସ୍ତ ଟେଣ୍ଡର ନିମନ୍ତେ) : ତା.02.05.2019ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) : ତା.16.05.2019 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବକୁ ଫାର୍ମ (Firm) ର ଲେଟର ହେଡ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ । ସେହି ସବୁ ମାନୁଆଲ ପ୍ରସ୍ତାବ ଗୁଡ଼ିକୁ ଅବୈଧ ଭାବେ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାନଯାଇ ନାକଚ କରି ଦିଆଯିବ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)

PR-54/K/19-20 ଖୋର୍ଦ୍ଧା ରୋଡ଼


# ନାଉଗାଁର ୭୬ ବୁଥ୍‌ରେ ମତଦାନ

ନାଉଗାଁ,୨୯।୪(ସ୍ୱ.ପ୍ର.)

■ ଶିଖର ଓ ନୂଆଗାଁ ବୁଥରେ ଉତ୍ତେଜନା

■ ପୂର୍ବାହ୍ଣ ଓ ଅପରାହ୍ଣରେ ଭିଡ଼

ନାଉଗାଁ ବ୍ଲକର ମୋଟ ୭୬ ବୁଥରେ ଭୋଟର ନିଜ ମତ ସାବ୍ୟସ୍ତ କରିଛନ୍ତି। ଅନେକାଂଶ ବୁଥରେ ଇଭିଏମ ଖରାପ ଯୋଗୁ ୧ ଘଣ୍ଟା ବିଳମ୍ବ ହୋଇଥିଲା। ପ୍ରବଳ ଖରାକୁ ଦୃଷ୍ଟିରେ ରଖି ପୂର୍ବାହ୍ଣ ଓ ଅପରାହ୍ଣରେ ମତଦାନ କେନ୍ଦ୍ର ନିକଟରେ ମତଦାତାଙ୍କ ଭିଡ଼ ଦେଖିବାକୁ ମିଳିଥିଲା। କିନ୍ତୁ ଇଭିଏମ ଖରାପ ଯୋଗୁ ଭୋଟର ମାନେ ଦୀର୍ଘ ସମୟ ଧାଡିରେ ଠିଆ ହେବା ଯୋଗୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଓଷକଣା ପଞ୍ଚାୟତର ଓଷକଣା ଉ.ପ୍ରା ବିଦ୍ୟାଳୟ ବୁଥ ନମ୍ବର ୨୩୫, ଭଟଣା ଉ.ପ୍ରା ବିଦ୍ୟାଳୟ ବୁଥ ନଂ- ୨୩୭, ଅଲଣା ପଞ୍ଚାୟତ ମଧୁପୁର ବୁଥ ନଂ -୧୬୬, ଶିଖର ପଂଚାୟତ ଶିଖର ବୁଥ ନଂ -୨୧୦, ଶାଳିଜଙ୍ଗା ବୁଥ ନଂ-୨୧୩ ରେ ଇଭିଏମ ଖରାପ ଯୋଗୁ ୧ ଘଣ୍ଟା ବିଳମ୍ବ ହୋଇଥିଲା। ସେହିପରି ଅନେକ ବୁଥରେ ଇଭିଏମ ଭଲ ଥାଇ ମଧ୍ୟ ଭୋଟ ଗ୍ରହଣ ବିଳମ୍ବରେ ଆରମ୍ଭ କରାଯାଇଥିଲା। ଶିଖର ପଞ୍ଚାୟତର ବୁଥ ନଂ ୧୧୦ ରେ ଭୋଟ ଦେବାକୁ ନେଇ କିଛି ସମୟ ଉତେଜନା ଦେଖା ଦେଇଥିଲା। ସେହିପରି ନୂଆଗାଁ ପଞ୍ଚାୟତ ବୁଥ ନଂ ୧୭୯ ରେ ନିର୍ଦ୍ଦିଷ୍ଟ ଦଳ ଏକଚାଟିଆ ଭାବେ ଭୋଟ ଦେବାକୁ ନେଇ କିଛି ସମୟ ଉତେଜନା ଦେଖା ଦେଇଥିଲା। ଏହି ବୁଥରେ ଭାଜପାର ଜିଲାପରିଷଦ ପ୍ରାର୍ଥୀ ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ପହଂଚି ପ୍ରତିବାଦ କରିଥିଲେ। ଉଭୟ ବୁଥରେ ପୋଲିସ ପହଂଚି ନିୟନ୍ତ୍ରଣ କରିବା ପରେ ଶାନ୍ତି ଶୃଙ୍ଖଳାରେ ମତଦାନ ଚାଲିଥିଲା। ଅପରାହ୍ଣରେ



ନାଉଗାଁରେ ଏକ ଆଦର୍ଶ ମତଦାନ କେନ୍ଦ୍ର।

ନାଉଗାଁ ପଂଚାୟତର ଗୋଠଦା ବୁଥ ନଂ ୨୦୫ ରେ ମତଦାତାଙ୍କ ସଂଖ୍ୟା ବୃଦ୍ଧି ପାଇବାରୁ ସେଠାରେ କିଛି ସମୟ ଉତେଜନା ଦେଖାଦେଇଥିଲା। ତିରୁଣା ପଂଚାୟତ ଦହିପାଳ ବୁଥ ନଂ ୨୧୯ ରେ ମଧ୍ୟାହ୍ନ ସମୟରେ ଇଭିଏମ ଖରାପ ହୋଇ ପଡିବାରୁ ମତଦାନ ବନ୍ଦ ରହିଥିଲା। ପୁନର୍ବାର ନୂଆ ଇଭିଏମ ଆସିବା ପରେ ମତଦାନ ଚାଲିଥିଲା। କୋରୁଅ ପଂଚାୟତର କୋରୁଅ ପ୍ରକଳ୍ପ ବିଦ୍ୟାଳୟରେ ପୂର୍ବାହ୍ଣରେ ଭୋଟ ଚାଲିଥିବା ସମୟରେ ଧାଡି ରେ ଠିଆ ହୋଇଥିବା ବୃଦ୍ଧା ମମତା ଦଲାଇଙ୍କର ହଠାତ ଦେହ ଖରାପ ହୋଇ ଚେତାଶୂନ୍ୟ ହୋଇ ପଡିଥିଲେ। ସେଠାରୁ ତାଙ୍କୁ ନାଉଗାଁ ସ୍ୱାସ୍ଥ୍ୟ କେନ୍ଦ୍ର ଅଣାଯାଇ ଚିକିତ୍ସା କରାଯାଇଥିଲା। ଇଭିଏମ ଅଚଳ ଯୋଗୁ ତିରୁଣା ପଂଚାୟତର ଦହିପାଳ, ଅଲଣା ପଂଚାୟତର ମଧୁପୁର, ନାଉଗାଁ ପଂଚାୟତର ଗୋଠଦା ଆଦି ସ୍ଥାନରେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ଭୋଟ ଗ୍ରହଣ ଚାଲିଥିଲା। ଏହି ବ୍ଲକରେ କାଁ ,ଭାଁ ଉତେଜନା ଦେଖା ଦେଇଥିଲା ବେଳେ ଶାନ୍ତି ପୂନ୍ନ ଭାବେ ଭୋଟ ଗ୍ରହଣ ଶେଷ ହୋଇଥିବା ବିଡିଓ ରଶ୍ମିରେଖା ମଳିକ ପ୍ରକାଶ କରିଛନ୍ତି।

## ୯ ମଡେଲ ବୁଥ୍‌ରେ ଆଦର୍ଶ ବ୍ୟବସ୍ଥା

ବାଲିକୁଦା,୨୯।୪(ସ୍ୱପ୍ର)

ବାଲିକୁଦା ବ୍ଲକରେ ୧୬୪ ବୁଥ୍ ହୋଇଥିବାବେଳେ ପ୍ରାୟ ସମସ୍ତ ବୁଥ୍‌ରେ ଶୃଙ୍ଖଳାର ସହ ମତଦାନ ହୋଇଛି। କେଉଁଠି କେମିତି ସାମାନ୍ୟ ତ୍ରୁଟି ପରିଲକ୍ଷିତ ହୋଇଥିଲା। ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଏଥର ପ୍ରଶାସନ ପକ୍ଷରୁ ୯ଟି ମଡେଲ ବୁଥ୍ କରାଯାଇଥିଲା। ସେଗୁଡି ମଧ୍ୟରେ ଅନନ୍ତପୁର ପଞ୍ଚାୟତର ଅନନ୍ତପୁର ଉପ୍ରା ବିଦ୍ୟାଳୟରେ ୨ଟି, ମାଛଗାଁ ପଞ୍ଚାୟତର ଓଡିନ୍ଦା ହାଇସ୍କୁଲରେ ୪, ବାଲିକୁଦା ପଞ୍ଚାୟତ ବାଲିକୁଦା ହାଇସ୍କୁଲରେ ୨ଟି ବୁଥ୍ ଓ ଗରାମ ପଞ୍ଚାୟତର ଦଧିବାମନ ଜୀଉ ଉପ୍ରା ବିଦ୍ୟାଳୟରେ ଗୋଟିଏ ବୁଥ ହୋଇଥିଲା। ବୁଥ୍‌ରେ ଥାଣ୍ଡା ପାଣିର ବ୍ୟବସ୍ଥା ସାଙ୍ଗକୁ ଦହି ସର୍ବତ ହୋଇଥିଲା। ଓଡିଆ ପରମ୍ପରାରେ ଝୋଟି ପକାଯାଇ ଭୋଟରଙ୍କୁ ଆକୃଷ୍ଟ କରାଯାଇଥିଲା। ରଙ୍ଗ ବେରଙ୍ଗର ବେଲୁନ ଟଙ୍ଗାଯିବା ସହିତ ଫୁଲ କୁଣ୍ଡ ଦୁଇ ପାର୍ଶ୍ୱରେ ରଖାଯାଇ ସୌନ୍ଦର୍ଯ୍ୟ ବୃଦ୍ଧି କରାଯାଇଥିଲା। ଅନନ୍ତପୁର ଓ ଓଡିନ୍ଦାରେ ଆକର୍ଷଣୀୟ ସାଜସଜା ହୋଇଥିଲା। ମତଦାନ କେନ୍ଦ୍ରର ସମ୍ମୁଖ ଭାଗରେ ବିରାଟ ତୋରଣ ଶୋଭା ବଢାଉଥିଲା। ଅନନ୍ତପୁର କେନ୍ଦ୍ରର ସମ୍ମୁଖ ଭାଗ ଫାଟକର ଦୁଇ ପାର୍ଶ୍ୱରେ ୨ ଜଣ ମହିଳା ଜିଆରଏସ ଥାଳିରେ ପୁଷ୍ପ ଓ ଚନ୍ଦନ ଧରି ଭୋଟରଙ୍କୁ ସ୍ୱାଗତ କରିଥିଲେ। ସେହିପରି ଓଡିନ୍ଦା ମଡେଲ ବୁଥରେ ଫୁଲ ସାଜସଜା ହୋଇଥିଲା। ସବୁ ମଡେଲ ବୁଥ୍‌ରେ ଭୋଟରଙ୍କ ସାଥିରେ ଆସୁଥିବା ସେମାନଙ୍କ ଛୋଟ ପିଲାମାନଙ୍କ ପାଇଁ ଶିଶୁ ଯତ୍ନ ପ୍ରକୋଷ୍ଠ ସୁବିଧା ଥିବା ବେଳେ ଆଶୁ ଚିକିତ୍ସା କେନ୍ଦ୍ର, ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ଅଳିଆ ଆବର୍ଜନା ପରିଚାଳନା ବ୍ୟବସ୍ଥା, ଦିବ୍ୟାଙ୍ଗ ଭୋଟରମାନଙ୍କ ପାଇଁ ସହାୟତା ଉପକରଣ ବ୍ୟବସ୍ଥା କରାଯାଇଥିଲା।

## ପାରାଦୀପରେ ରାତିସାଢ଼େ ୮ଟା ଯାଏ ମତଦାନ

ପାରାଦୀପ,୨୯।୪(ସ୍ୱ.ପ୍ର.)

ପାରାଦୀପ ନିର୍ବାଚନମଣ୍ଡଳୀରେ ସୋମବାର ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ୫ଟି ବୁଥ୍‌ରେ ଅଧିକ ଭୋଟର ଥିବାରୁ ରାତି ୮ଟା ୩୦ ପର୍ଯ୍ୟନ୍ତ ମତଦାନ ହୋଇଥିଲା। ସନ୍ଧ୍ୟା ୭ଟା ସୁଦ୍ଧା ପାରାଦୀପ ପୌରାଞ୍ଚଳରେ ୫୭.୭୭ ପ୍ରତିଶତ ମତଦାନ ହୋଇଥିଲା। ଷଣ୍ଢକୁଦ, ଭିତରଗଡ଼ ଓ ବାଲିଝରି ବସ୍ତିର ୪ଟି ବୁଥ୍‌ରେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ମତଦାନ ଚାଲିଥିଲା। ବିଜେଡି ପ୍ରାର୍ଥୀ ସମ୍ବିତ ରାଉତରାୟ ପୌରାଞ୍ଚଳ ୧୩ ନଂ ୱାର୍ଡର ୨୧୬ ନଂ ବୁଥ୍‌ରେ ଭୋଟ ଦେଇଥିଲେ। ସେହିପରି କଂଗ୍ରେସର ଅରିନ୍ଦମ ସର୍ଖେଲ ସପତ୍ନୀକ ୧୫ ନଂ ୱାର୍ଡର ୨୨୨ ନଂ ବୁଥ୍‌ରେ ମତଦାନ କରିଥିଲେ। ନିର୍ବାଚନମଣ୍ଡଳୀର କୌଣସି ସ୍ଥାନରେ ଗଣ୍ଡଗୋଳ ଘଟିନାହିଁ ବୋଲି ଏଏସ୍‌ପି ବିଷ୍ଣୁଚରଣ ମିଶ୍ର ସୂଚନା ଦେଇଛନ୍ତି।


**ସେସୁ ବିଦ୍ୟୁତ୍ ଗ୍ରାହକ ତଥା ଜନ ସାଧାରଣ ମାନଙ୍କ ଅବଗତି ନିମନ୍ତେ ଜରୁରୀ ସୁଚନା**

ଏତଦ୍ୱାରା ସେସୁ ଅଧିନସ୍ଥ ସମସ୍ତ ବିଦ୍ୟୁତ୍ ଗ୍ରାହକ ଏବଂ ଜନ ସାଧାରଣ ମାନଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉ ଅଛି ଯେ, ଗତ ତା ୩୦.୦୧.୨୦୧୩ ରିଖରେ "ସେସୁ" (Central Electricity Supply Utility of Odisha) ଏବଂ ମେସର୍ସ ସି ସାଇଡ୍ ୟୁଟିଲିଟି ପ୍ରାଇଭେଟ୍ ଲିମିଟେଡ୍ (SUPL) ମଧ୍ୟରେ ନିମାପଡ଼ା ଇଲେକ୍ଟ୍ରିକାଲ ଡିଭିଜନ ପାଇଁ ହୋଇଥିବା ଡିଷ୍ଟ୍ରିବ୍ୟୁସନ ଫ୍ରାନଚାଇଜ୍ ଏଗ୍ରୀମେଣ୍ଟ (Distribution Franchisee Agreement) ମାନ୍ୟବର ହାଇକୋର୍ଟ, ଓଡିଶାଙ୍କର କେଶ୍ ସଂଖ୍ୟା WPC 10868 of 2018 ତା୨୭.୦୩.୨୦୧୯ ରିଖର ଆଦେଶ ଅନୁଯାୟୀ ଗତ ତା ୩୧.୦୩.୨୦୧୯ ରିଖରେ ସମାପ୍ତ ହୋଇଯାଇଅଛି ।

ଏଣୁ ତା ୦୧.୦୪.୨୦୧୯ ରିଖ ଠାରୁ "ମେସର୍ସ ଏସ୍.ୟୁ.ପି.ଏଲ" ଦ୍ୱାରା ଉପରୋକ୍ତ ବିଦ୍ୟୁତ୍ ଡିଭିଜନରେ କରାଯାଉଥିବା ସମସ୍ତ କାର୍ଯ୍ୟଗୁଡିକୁ "ସେସୁ" ସମ୍ପାଦନ କରୁଛି । କିନ୍ତୁ ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାଇ ମାର୍ଚ୍ଚ ମାସ ୨୦୧୯ ର ବିଦ୍ୟୁତ୍ ଦେୟ ଆଦାୟ କରିବା ପାଇଁ ଏସ୍.ୟୁ.ପି.ଏଲ ସଂସ୍ଥାକୁ ତା ୦୧.୦୪.୨୦୧୯ ରିଖ ରୁ ତା ୧୦.୦୪.୨୦୧୯ ରିଖ ପର୍ଯ୍ୟନ୍ତ ସୁଯୋଗ ଦିଆଯାଇଥିଲା । ଏଣୁ ଏହି ସମୟ ମଧ୍ୟରେ SUPL ଦ୍ୱାରା ଆଦାୟ କରାଯାଇ ସେସୁରେ ଦାଖଲ ହୋଇଥିବା ବିଦ୍ୟୁତ୍ ଦେୟକୁ ଗ୍ରାହକଙ୍କ ପରବର୍ତ୍ତି ବିଦ୍ୟୁତ୍ ବିଲ୍‌ରେ ପ୍ରତିଫଳନ କରାଯିବ ।

ଉପରୋକ୍ତ ବିଦ୍ୟୁତ୍ ଡିଭିଜନର ସମସ୍ତ ବିଦ୍ୟୁତ୍ ଗ୍ରାହକମାନଙ୍କୁ ଅନୁରୋଧ କରାଯାଉ ଅଛି କି, ସେମାନଙ୍କର ସମସ୍ତ ପ୍ରକାର ବିଦ୍ୟୁତ୍ ଦେୟ ସେସୁର କର୍ମଚାରୀଙ୍କୁ ଏବଂ ସେମାନଙ୍କ ଅଞ୍ଚଳରେ ଥିବା ସେସୁ କାର୍ଯ୍ୟାଳୟରେ ପଇଠ କରିବେ ଓ ସେସୁର ରସିଦ୍ ପାଇ ପାରିବେ । ପୁନଶ୍ଚ ବିଦ୍ୟୁତ୍ ଗ୍ରାହକ ତଥା ଜନ ସାଧାରଣ ମାନଙ୍କୁ ଅନୁରୋଧ କରାଯାଉ ଅଛି କି ସେମାନେ ସେମାନଙ୍କର ବିଦ୍ୟୁତ୍ ସମ୍ବନ୍ଧୀୟ ଅଭିଯୋଗମାନ ସେମାନଙ୍କ ଅଞ୍ଚଳର ବିଦ୍ୟୁତ୍ ସେକସନ / ସବ୍-ଡିଭିଜନ / ଡିଭିଜନ କାର୍ଯ୍ୟାଳୟରେ ଦାଖଲ କରିବେ, ଯଦ୍ୱାରା ଏହାର ତୁରନ୍ତ ସମାଧାନ କରାଯାଇ ପାରିବ ।

ବରିଷ୍ଠ ମହାପ୍ରବନ୍ଧକ (ଏ.ଟି ଏଣ୍ଡ ସି)

**ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ସପ୍ଲାଇ ୟୁଟିଲିଟି ଅଫ୍ ଓଡ଼ିଶା**

ଇଡ୍‌କୋ ଟାୱାର, ୨ୟ ମହଲା, ଜନପଥ, ଭୁବନେଶ୍ୱର – ୭୫୧୦୨୨, ଓଡ଼ିଶା

ଫୋନ୍ : ୦୬୭୪-୨୫୪୧୫୭୫, ଫ୍ୟାକ୍ସ: ୨୫୪୩୧୨୫

ୱେବ୍‌ସାଇଟ୍ : www.cesuodisha.com / www.cescoorissa.com



**ସେସୁ ବିଦ୍ୟୁତ୍ ଗ୍ରାହକ ତଥା ଜନ ସାଧାରଣ ମାନଙ୍କ ଅବଗତି ନିମନ୍ତେ ଜରୁରୀ ସୁଚନା**

ଏତଦ୍ୱାରା ସେସୁ ଅଧିନସ୍ଥ ସମସ୍ତ ବିଦ୍ୟୁତ୍ ଗ୍ରାହକ ଏବଂ ଜନ ସାଧାରଣ ମାନଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉ ଅଛି ଯେ, ଗତ ତା ୩୦.୦୧.୨୦୧୩ ରିଖରେ "ସେସୁ" (Central Electricity Supply Utility of Odisha) ଏବଂ ମେସର୍ସ ରିଭର ସାଇଡ୍ ୟୁଟିଲିଟି ପ୍ରାଇଭେଟ୍ ଲିମିଟେଡ୍ (RUPL) ମଧ୍ୟରେ ଆଠଗଡ଼ ଇଲେକ୍ଟ୍ରିକାଲ ଡିଭିଜନ, ସାଲେପୁର ଇଲେକ୍ଟ୍ରିକାଲ ଡିଭିଜନ ଏବଂ କଟକ ଇଲେକ୍ଟ୍ରିକାଲ ଡିଭିଜନ ପାଇଁ ହୋଇଥିବା ଡିଷ୍ଟ୍ରିବ୍ୟୁସନ ଫ୍ରାନଚାଇଜ୍ ଏଗ୍ରୀମେଣ୍ଟ (Distribution Franchisee Agreement) ମାନ୍ୟବର ହାଇକୋର୍ଟ, ଓଡିଶାଙ୍କର କେଶ୍ ସଂଖ୍ୟା WPC 10867 of 2018 ତା୨୭.୦୩.୨୦୧୯ ରିଖର ଆଦେଶ ଅନୁଯାୟୀ ଗତ ତା ୩୧.୦୩.୨୦୧୯ ରିଖରେ ସମାପ୍ତ ହୋଇଯାଇଅଛି ।

ଏଣୁ ତା ୦୧.୦୪.୨୦୧୯ ରିଖ ଠାରୁ "ମେସର୍ସ ଆର.ୟୁ.ପି.ଏଲ" ଦ୍ୱାରା ଉପରୋକ୍ତ ୩ଟି ବିଦ୍ୟୁତ୍ ଡିଭିଜନରେ କରାଯାଉଥିବା ସମସ୍ତ କାର୍ଯ୍ୟଗୁଡିକୁ "ସେସୁ" ସମ୍ପାଦନ କରୁଛି । କିନ୍ତୁ ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାଇ ମାର୍ଚ୍ଚ ମାସ ୨୦୧୯ ର ବିଦ୍ୟୁତ୍ ଦେୟ ଆଦାୟ କରିବା ପାଇଁ ଆର.ୟୁ.ପି.ଏଲ ସଂସ୍ଥାକୁ ତା ୦୧.୦୪.୨୦୧୯ ରିଖ ରୁ ତା ୧୦.୦୪.୨୦୧୯ ରିଖ ପର୍ଯ୍ୟନ୍ତ ସୁଯୋଗ ଦିଆଯାଇଥିଲା । ଏଣୁ ଏହି ସମୟ ମଧ୍ୟରେ RUPL ଦ୍ୱାରା ଆଦାୟ କରାଯାଇ ସେସୁରେ ଦାଖଲ ହୋଇଥିବା ବିଦ୍ୟୁତ୍ ଦେୟକୁ ଗ୍ରାହକଙ୍କ ପରବର୍ତ୍ତି ବିଦ୍ୟୁତ୍ ବିଲ୍‌ରେ ପ୍ରତିଫଳନ କରାଯିବ ।

ଉପରୋକ୍ତ ୩ ଟି ବିଦ୍ୟୁତ୍ ଡିଭିଜନର ସମସ୍ତ ବିଦ୍ୟୁତ୍ ଗ୍ରାହକମାନଙ୍କୁ ଅନୁରୋଧ କରାଯାଉ ଅଛି କି, ସେମାନଙ୍କର ସମସ୍ତ ପ୍ରକାର ବିଦ୍ୟୁତ୍ ଦେୟ ସେସୁର କର୍ମଚାରୀଙ୍କୁ ଏବଂ ସେମାନଙ୍କ ଅଞ୍ଚଳରେ ଥିବା ସେସୁ କାର୍ଯ୍ୟାଳୟରେ ପଇଠ କରିବେ ଓ ସେସୁର ରସିଦ୍ ପାଇ ପାରିବେ । ପୁନଶ୍ଚ ବିଦ୍ୟୁତ୍ ଗ୍ରାହକ ତଥା ଜନ ସାଧାରଣ ମାନଙ୍କୁ ଅନୁରୋଧ କରାଯାଉ ଅଛି କି ସେମାନେ ସେମାନଙ୍କର ବିଦ୍ୟୁତ୍ ସମ୍ବନ୍ଧୀୟ ଅଭିଯୋଗମାନ ସେମାନଙ୍କ ଅଞ୍ଚଳର ବିଦ୍ୟୁତ୍ ସେକସନ / ସବ୍-ଡିଭିଜନ / ଡିଭିଜନ କାର୍ଯ୍ୟାଳୟରେ ଦାଖଲ କରିବେ, ଯଦ୍ୱାରା ଏହାର ତୁରନ୍ତ ସମାଧାନ କରାଯାଇ ପାରିବ ।

ବରିଷ୍ଠ ମହାପ୍ରବନ୍ଧକ (ଏ.ଟି ଏଣ୍ଡ ସି)

**ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ସପ୍ଲାଇ ୟୁଟିଲିଟି ଅଫ୍ ଓଡ଼ିଶା**

ଇଡ୍‌କୋ ଟାୱାର, ୨ୟ ମହଲା, ଜନପଥ, ଭୁବନେଶ୍ୱର – ୭୫୧୦୨୨, ଓଡ଼ିଶା

ଫୋନ୍ : ୦୬୭୪-୨୫୪୧୫୭୫, ଫ୍ୟାକ୍ସ: ୨୫୪୩୧୨୫

ୱେବ୍‌ସାଇଟ୍ : www.cesuodisha.com / www.cescoorissa.com

# ମତଦାନ: କେଉଁଠି, କିଏ


ଯାଜପୁର ବିଜେଡି ଏମ୍‌ପି ପ୍ରାର୍ଥିନୀ ଶର୍ମିଷ୍ଠା ସେଠୀ।


ରାଜନଗର କଂଗ୍ରେସ ବିଧାୟକ ଅଂଶୁମାନ ମହାନ୍ତି।


ଜଗତ୍‌ସିଂହପୁର ବିଜେଡି ଏମ୍‌ପି ପ୍ରାର୍ଥିନୀ ରାଜଶ୍ରୀ ମଲ୍ଲିକ।


ଜଗତ୍‌ସିଂହପୁର କଂଗ୍ରେସ ବିଧାୟକ ପ୍ରାର୍ଥୀ ଚିରଞ୍ଜୀବ ବିଶ୍ୱାଳ।


ପାରାଦୀପର ଏକ ଆଦର୍ଶ ମତଦାନ କେନ୍ଦ୍ରରେ ଅଙ୍ଗନୱାଡ଼ି କର୍ମୀ ଓ ସ୍ୱେଚ୍ଛାସେବୀମାନେ ଛୋଟ ପିଲାଙ୍କୁ ଖେଳାଉଛନ୍ତି।


ଜଗତ୍‌ସିଂହପୁର ଏକ ମତଦାନ କେନ୍ଦ୍ରରେ ମହିଳାଙ୍କ ଭିଡ଼।

ଉପକୂଳ ଓଡ଼ିଶାର ୩ ପ୍ରମୁଖ ଜିଲା ଯାଜପୁର, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ାରେ ସୋମବାର ୪ର୍ଥ ପର୍ଯ୍ୟାୟ ଭୋଟ ଗ୍ରହଣ ଶେଷ ହୋଇଛି। ପ୍ରବଳ ଖରାତାତି ଓ ଗୁଳୁଗୁଳି ସତ୍ତ୍ୱେ ବିଭିନ୍ନ ବୁଥ୍‌ରେ ମତଦାତାଙ୍କ ଭିଡ଼ ଜମିଥିଲା। ଇଭିଏମ୍ ଅଚଳ ଯୋଗୁ ଭୋଟରମାନେ ହଇରାଣ ହୋଇଥିଲେ ମଧ ସେମାନଙ୍କ ମଧରେ ଉତ୍ସାହ ବାରି ହୋଇପଡ଼ିଥିଲା। ନେତାଙ୍କଠାରୁ ପ୍ରାର୍ଥୀ ଏବଂ ଭିନ୍ନକ୍ଷମଙ୍କଠାରୁ ବୟସ୍କ ବୃଦ୍ଧାବୃଦ୍ଧମାନେ ବୁଥ୍‌କୁ ଆସି ଭୋଟ ଦେଇଥିଲେ। ଚିତ୍ରରେ ଝଲକ...


ଯାଜପୁରର ଏକ ବୁଥ୍ ଆଗରେ ଭୋଟରଙ୍କ ଲମ୍ବା ଧାଡ଼ି।


ମତଦାତା ଅପରାଜିତା ସିଂଦେଓ।


ମହାକାଳପଡ଼ାର ଏକ ବୁଥ୍‌କୁ ଜଣେ ବୃଦ୍ଧାଙ୍କୁ ନିଆଯାଉଛି।


ଜଗତ୍‌ସିଂହପୁର କଂଗ୍ରେସ ଏମ୍‌ପି ପ୍ରାର୍ଥିନୀ ପ୍ରତିମା ମଲ୍ଲିକ ଧାଡ଼ିରେ ଛିଡ଼ା ହୋଇଛନ୍ତି।


ନଗଡ଼ାର ଏକ ବୁଥ୍ ଆଗରେ ମହିଳା ଭୋଟରଙ୍କ ଲମ୍ବା ଧାଡ଼ି।


ଜଗତ୍‌ସିଂହପୁରର ଜଣେ ବୃଦ୍ଧା ହ୍ୱିଲ୍ ଚେୟାରରେ ଭୋଟ ଦେବାକୁ ଯାଉଛନ୍ତି।


ପରିବାର ସହ ବାଲିକୁଦା କଂଗ୍ରେସ ବିଧାୟକ ପ୍ରାର୍ଥୀ ଲଲାଟେନ୍ଦୁ ମହାପାତ୍ର।


କେନ୍ଦ୍ରାପଡ଼ା କଂଗ୍ରେସ ଏମ୍‌ପି ପ୍ରାର୍ଥୀ ଧରଣୀଧର ନାୟକ।


ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ।


କୋରେଇ ବିଧାନସଭା ବିଏସ୍‌ପି ପ୍ରାର୍ଥୀ କାଜଲ କିନ୍ନର।


ବଡ଼ଚଣା ବିଜେଡି ବିଧାୟକ ପ୍ରାର୍ଥୀ ଅମର ପ୍ରସାଦ ଶତପଥୀ।


କୋରେଇ ବିଧାୟକ ଆକାଶ ଦାଶନାୟକ।


ଯାଜପୁର ବିଧାନସଭା ଭାଜପା ପ୍ରାର୍ଥୀ ଗୌତମ ରାୟ।


ଆଳି ଭାଜପା ବିଧାୟକ ପ୍ରାର୍ଥୀ ଦୋଳଗୋବିନ୍ଦ ନାୟକ।


ଭୋଟ ଦେବା ପରେ ଆଳି ବିଜେଡି ବିଧାୟକ ପ୍ରାର୍ଥୀ ପ୍ରତାପ କେଶରୀ ଦେବ।


ପାଟକୁରା ଭାଜପା ବିଧାୟକ ପ୍ରାର୍ଥୀ ବିଜୟ ମହାପାତ୍ର।


ତିର୍ତ୍ତୋଲ ବିଜେଡି ବିଧାୟକ ପ୍ରାର୍ଥୀ ବିଷ୍ଣୁ ଦାସ।


ଜଗତ୍‌ସିଂହପୁର ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ମୁଦୁଲି।


ମହାକାଳପଡ଼ା ବିଜେଡି ବିଧାୟକ ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକ।


ସ୍ତ୍ରୀଙ୍କ ସହ ପାରାଦୀପ କଂଗ୍ରେସ ବିଧାୟକ ପ୍ରାର୍ଥୀ ବାପି ସର୍କେଲ।


ପାରାଦୀପ ବିଜେଡି ବିଧାୟକ ପ୍ରାର୍ଥୀ ସମ୍ବିତ ରାଉତରାୟ।


ବିଞ୍ଝାରପୁର ବିଜେଡି ବିଧାୟକ ପ୍ରାର୍ଥିନୀ ପ୍ରମିଳା ମଲ୍ଲିକ।


ଧର୍ମଶାଳା ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଣବ ବଳବନ୍ତରାୟ।


ପାରାଦୀପ ଭାଜପା ବିଧାୟକ ପ୍ରାର୍ଥୀ ସମ୍ପଦ ସ୍ୱାଇଁ।


ଧର୍ମଶାଳା ଭାଜପା ବିଧାୟକ ପ୍ରାର୍ଥୀ ରମେଶ ପରିଡ଼ା।


ଯାଜପୁର ବିଧାନସଭା ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଣବପ୍ରକାଶ ଦାସ।


ଆଳି କଂଗ୍ରେସ ବିଧାୟକ ପ୍ରାର୍ଥୀ ଦେବେନ୍ଦ୍ର ଶର୍ମା।


ତିର୍ତ୍ତୋଲ ଭାଜପା ବିଧାୟକ ପ୍ରାର୍ଥୀ ରମାକାନ୍ତ ଭୋଇ।


ସୁକିନ୍ଦା ବିଜେଡି ବିଧାୟକ ପ୍ରାର୍ଥୀ ପ୍ରୀତିରଞ୍ଜନ ଘଡ଼େଇ।


କୋରେଇ ଭାଜପା ବିଧାୟକ ପ୍ରାର୍ଥୀ ବିଶ୍ୱଜିତ ନାୟକ।

## ସଂକ୍ଷେପରେ

### ବୁଥ ସ୍ଥାନାନ୍ତରକୁ ବିରୋଧ: ଭୋଟ ବର୍ଜନ କଲେ ଗ୍ରାମବାସୀ

**ବାଲିକୁଦା,୨୯।୪(ସ୍ୱ.ପ୍ର.):** ତଣ୍ଡିକୁଳ ପଞ୍ଚାୟତର ପୁରୁଷୋତ୍ତମପୁର ଓ ବ୍ରହ୍ମପୁର ଗାଁର ବୁଥ୍ ସ୍ଥାନାନ୍ତରକୁ ନେଇ ସୋମବାର ଗ୍ରାମବାସୀ ଭୋଟ୍ ବର୍ଜନ କରିଛନ୍ତି। ପ୍ରକାଶ ଯେ, ପୂର୍ବରୁ ପୁରୁଷୋତ୍ତମପୁର ପ୍ରାଥମିକ ବିଦ୍ୟାଳୟର ବୁଥ୍ ସଂଖ୍ୟା ୧୮ରେ ଭୋଟ ଗ୍ରହଣ କରାଯାଉଥିଲା। ଉକ୍ତ କେନ୍ଦ୍ରରେ ଏହି ୨ ଗାଁର ପାଖାପାଖି ୪ ଶହରୁ ଊର୍ଦ୍ଧ୍ୱ ଭୋଟର ଭୋଟ ଦେଉଥିଲେ। ମାତ୍ର ଚଳିତଥର ବୁଥ ସ୍ଥାନାନ୍ତର କରି ବସନ୍ତପୁରକୁ ଉଠାଇ ନିଆଯାଇଛି। ମତଦାନ କେନ୍ଦ୍ର ପରିବର୍ତ୍ତନ ସୂଚନା ପାଇ ଗ୍ରାମବାସୀ ବିଡିଓଙ୍କୁ ଲିଖିତ ଅଭିଯୋଗ କରିଥିଲେ। ହେଲେ ଏ ବାବଦରେ କିଛି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ତେଣୁ ସେମାନେ ଭୋଟ୍ ବର୍ଜନ କରିଥିଲେ। ଏ ସମ୍ପର୍କରେ ବିଡିଓ ତଥା ବାଲିକୁଦା ବ୍ଲକ ନିର୍ବାଚନ ଅଧିକାରୀଙ୍କୁ ପଚାରିବାରୁ ସେ ଅଭିଯୋଗ ପାଇ ନ ଥିବା କହିଛନ୍ତି।

### ବିରିଡ଼ିରେ ଶୃଙ୍ଖଳିତ ମତଦାନ

**ବିରିଡ଼ି,୨୯।୪(ଡି.ଏନ.ଏ.):** ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଅଧୀନ ବିରିଡ଼ି ବ୍ଲକର ୭୭ବୁଥରେ ସୋମବାର ଶୃଙ୍ଖଳିତ ମତଦାନ ହୋଇଛି। ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇଥିଲା। ତେବେ କେତେକ ବୁଥ୍‌ରେ ଇଭିଏମ୍ ତ୍ରୁଟି ହେବାରୁ ମତଦାନ ବିଳମ୍ବ ହୋଇଥିଲା। ସେହି ବୁଥ୍ ଗୁଡ଼ିକ ମଧ୍ୟରେ ୬, ୧୦, ୧୪, ୧୭, ୧୮, ୧୩୨, ୧୯୭ ରହିଛି। ସେହିପରି ସନ୍ଧ୍ୟା ୬ଟାରେ ମତଦାନ ଶେଷ ହେବାକୁ ଥିବାବେଳେ ରାତି ପର୍ଯ୍ୟନ୍ତ ମତଦାନ ହୋଇଥିବା ବିଡିଓ ଗିରିଜା ପ୍ରସାଦ ବାରିକ ସୂଚନା ଦେଇଛନ୍ତି। ରାତି ୯ଟା ସୁଦ୍ଧା ମତଦାନ ଶେଷ ହୋଇଥିଲା। ଏସବୁ ବୁଥ୍‌ରେ ୭୨.୧୨ ପ୍ରତିଶତ ମତଦାନ ହୋଇଛି।

### ଚାନ୍ଦପୁରା ବୁଥରେ ୪ ମହିଳା ଅସୁସ୍ଥ



**ନାଉଗାଁ,୨୯।୪(ସ୍ୱ.ପ୍ର.):** ନାଉଗାଁ ବ୍ଲକ ବାଂଶ ପଞ୍ଚାୟତ ଚାନ୍ଦପୁରା ବୁଥ ସୋମବାର ମତଦାନ ଚାଲିଥିବାବେଳେ ୪ଜଣ ମହିଳା ଅସୁସ୍ଥ ହୋଇପଡିଥିଲେ। ୨୦୬ ନଂ. ବୁଥ୍‌ରେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ମତଦାନ ହୋଇଥିଲା। ସନ୍ଧ୍ୟାରେ ବୁଥ୍ ଆଗରେ ମତଦାତାଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା। ଦୀର୍ଘ ସମୟ ଧାଡ଼ିରେ ଠିଆ ହେବା ଓ ଅତ୍ୟଧିକ ଭିଡ଼ ଯୋଗୁ ୪ ଜଣ ଚେତାଶୂନ୍ୟ ହୋଇପଡିଥିଲେ। ସେମାନଙ୍କୁ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।

**ପୋଲିସ ମାଡ଼ ପ୍ରତିବାଦରେ ଗ୍ରାମବାସୀଙ୍କ ଧାରଣା**

# ଭୁଲ୍ ମାନିଲା ପ୍ରଶାସନ, ବିଳମ୍ବରେ ଭୋଟ

**ଏରସମା,୨୯।୪(ସ୍ୱ.ପ୍ର.)**

ଏରସମା ଥାନା ଅନ୍ତର୍ଗତ ଭିତର ଅନ୍ଧାରୀ ପଞ୍ଚାୟତ ଜାମୁକଣ ଗ୍ରାମର କେତେକ ଯୁବକଙ୍କୁ ପୋଲିସ ମାଡ଼ ମାରିବା ପ୍ରତିବାଦରେ ଗ୍ରାମବାସୀ ସୋମବାର ଭୋଟ ବର୍ଜନ କରିଥିଲେ। ସୂଚନା ଅନୁଯାୟୀ, ଜାମୁକଣ କମ୍ୟୁନିଟି ସେଣ୍ଟର ଗୃହରେ ୮୭ ନଂ ଭୋଟ ଗ୍ରହଣ କେନ୍ଦ୍ର କରାଯାଇଛି। ନିୟମ ଅନୁସାରେ ନିର୍ବାଚନ ପୂର୍ବ ରାତିଠାରୁ ଭୋଟ ଗ୍ରହଣ କେନ୍ଦ୍ରର ୧୦୦ ମିଟର ମଧ୍ୟରେ କୌଣସି ଲୋକ ଏକାଠି ହୋଇ ପାରିବେ ନାହିଁ କି କୌଣସି ପ୍ରକାର ଦଳଗତ ଆଲୋଚନା କରାଯାଇ ପାରିବ ନାହିଁ। ମାତ୍ର ୮୭ ନଂ କେନ୍ଦ୍ର ପାଖରେ ୨୫ ମିଟର ମଧ୍ୟରେ ଘର ରହିଛି। ରବିବାର ବିଳମ୍ବିତ ରାତିରେ ସେହି



ପୋଲିସ ଆକ୍ରମଣକୁ ବିରୋଧ କରି ଧାରଣାରେ ବସିଥିବା ଗ୍ରାମବାସୀ।

ଗ୍ରାମର ରୋମାନ୍ସ ମହାପାତ୍ର, ଅମର ମହାପାତ୍ର, ନାରାୟଣ ସେଠୀ, ଚନ୍ଦନ ମହାପାତ୍ର, କାର୍ତ୍ତିକ ମହାପାତ୍ର ପ୍ରମୁଖ କେତେଜଣ ଯୁବକ କେନ୍ଦ୍ର ପାଖରେ ବିଭିନ୍ନ ପିଣ୍ଡାରେ ବସି ଆଲୋଚନା କରୁଥିଲେ। ରାତି ପାଟ୍ରୋଲିଂ କରୁଥିବା ପୋଲିସ ସେମାନଙ୍କୁ ଘଉଡେଇବାକୁ ଯାଇ ବାଡେଇଥିବା ଅଭିଯୋଗ ହୋଇଛି। ଏଥିରେ ଯୁବକମାନେ ଆହତ ହୋଇ ଏରସମା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଏହାର ପ୍ରତିବାଦରେ ସୋମବାର ପୂର୍ବତନ ସରପଞ୍ଚ କାଳନ୍ଦୀ ମାଝି, କୈଳାସ ଗଛାୟତ, ବୈଷ୍ଣବ ବାରିକ, ଯୁଧିଷ୍ଠିର ମହାପାତ୍ର, ପ୍ରହ୍ଲାଦ ମହାପାତ୍ର, ନିଶାକର ମହାପାତ୍ର ପ୍ରମୁଖ ଭୋଟ ବର୍ଜନ କରିବା ସହିତ କେନ୍ଦ୍ର ସମ୍ମୁଖରେ ଧାରଣାରେ ବସିଥିଲେ। ଏରସମା ବିଡିଓ କୈଳାସ ଚନ୍ଦ୍ର ବେହେରା ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ସହିତ ପୋଲିସ ପାଇଁ ଭୁଲ ସ୍ୱୀକାର କରିଥିଲେ। ପରେ ପୂର୍ବାହ୍ନ ସାଢେ ୧୧ଟାରେ ଗ୍ରାମବାସୀ ସ୍ୱାଭାବିକ ଭାବରେ ଭୋଟ ଦେଇଥିଲେ।



ବାଲିକୁଦା–ଏରସମା ନିର୍ବାଚନ ମଣ୍ଡଳୀର ଗଡକୁଜଙ୍ଗ ନୋଳିଆ ସାହିରେ ମତଦାନକୁ ନେଇ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯିବା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଛି।

# ଇଭିଏମ୍‌ରେ ତ୍ରୁଟି: ଭୋଟ ଗ୍ରହଣରେ ବିଭ୍ରାଟ

**ବାଲିଆ,୨୯।୪:** ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିରିଡ଼ି ବ୍ଲକରେ ଥିବା ସମସ୍ତ ୨୧ ପଞ୍ଚାୟତର ୭୭ ବୁଥରେ ମତଦାନ ହୋଇଛି। ତେବେ ଆରମ୍ଭରୁ ବିଭିନ୍ନ ସ୍ଥାନରେ ଇଭିଏମ ତ୍ରୁଟି ପରିଲକ୍ଷିତ ହୋଇଥିଲା। ତରନ୍ତୁଳିଆ ପ୍ରାଥମିକ ବିଦ୍ୟାଳୟ, ରାଣିପଡ଼ା ପ୍ରାଥମିକ ବିଦ୍ୟାଳୟର ୨ବୁଥ, ଇନ୍ଦ୍ରମଣୀ ହାଇସ୍କୁଲ, ପଟୁଆରି ପ୍ରାଥମିକ ସ୍କୁଲରେ ଇଭିଏମ୍ ତ୍ରୁଟି ଯୋଗୁ ଭୋଟରମାନେ ବହୁ ସମୟ ଧରି ଧାଡ଼ିରେ ଛିଡ଼ା ହୋଇଥିଲେ। ବୁଢାପଡ଼ା ପଞ୍ଚାୟତ ଗୌଶନଗର ପ୍ରାଥମିକ ବିଦ୍ୟାଳୟରେ କରାଯାଇଥିବା ଆଦର୍ଶ ମତଦାନ କେନ୍ଦ୍ରରେ ହଠାତ୍ ଦିନ ୧୨ଟା ବେଳେ ଇଭିଏମ ଖରାପ ହୋଇଥିଲା। ଫଳରେ ଏଠାରେ ସନ୍ଧ୍ୟା ୭ଟାରୁ ଊର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ମତଦାନ ହୋଇଥିଲଶ। ଅରଣା ପଞ୍ଚାୟତର ପଟୁଆରି ଓ ଇନ୍ଦ୍ରମଣି ବିଦ୍ୟାଳୟରେ ହୋଇଥିବା ବୁଥରେ ଇଭିଏମ ଖରାପ ହେବାରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ମତଦାନ ହୋଇଥିଲା। ବଡ଼ଖଣ୍ଡାଇତା ପଞ୍ଚାୟତ ଗୋଠପଦା ପ୍ରାଥମିକ ବିଦ୍ୟାଳୟରେ ଅପରାହ୍ନ ୪ଟା ପରେ ହଠାତ୍ ଇଭିଏମ୍



ନାଉଗାଁ ବ୍ଲକ ବାଂଶ ପଞ୍ଚାୟତ ଚାନ୍ଦପୁର ବୁଥ୍‌ରେ ରାତିରେ ଲୋକେ ଭୋଟ୍ ଦେବାକୁ ଧାଡ଼ି ବାନ୍ଧି ଠିଆ ହୋଇଛନ୍ତି।

ଖରାପ ହୋଇଯାଇଥିଲା। ପରେ ନୂଆ ମେଶିନ ଆସିଥିଲା। ବଡିମିରା ପଞ୍ଚାୟତ ହଳଦିପଡ଼ା ପ୍ରାଥମିକ ବିଦ୍ୟାଳରେ ଭୋଟଦାନ ଚାଲିଥିବାବେଳେ ଇଭିଏମ୍ ଖରା ପହେବାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ମତଦାନ ଚାଲିଥିଲା। ବିରିଡ଼ି ବ୍ଲକ ବଡ଼ଖଣ୍ଡାୟତା ପଞ୍ଚାୟତ ୨୫ ନଂ ବୁଥରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ଦେବିପ୍ରସାଦ ମଲ୍ଲିକ ନିଜର ମତଦାନ ସାବ୍ୟସ୍ଥ କରିଥିବା ବେଳେ ବାସନ୍ଦରା ପଞ୍ଚାୟତର ବମ୍ପିଲୋ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୫୪ ନଂ.ବୁଥ୍‌ରେ ଭାଜପା ବିଧାୟକ ପ୍ରାର୍ଥୀ ପ୍ରଫେସର ରମାକାନ୍ତ ଭୋଇ ମତଦାନ କରିଥିଲେ। ସୂଚନାଯୋଗ୍ୟ, ବିରିଡି ବ୍ଲକରେ ୬ଟି ଆଦର୍ଶ ମତଦାନ କେନ୍ଦ୍ର କରାଯାଇଥିଲା। ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ମତଦାନ କାର୍ଯ୍ୟରେ ସହାୟତା କରାଯାଇଥିଲା।

**ଏରସମା,(ସ୍ୱ.ପ୍ର.):** ଏରସମା ବ୍ଲକର ବିଭିନ୍ନ ବୁଥରେ ଇଭଏମରେ ସମସ୍ୟା ଦେଖାଦେବାରୁ ବିଳମ୍ବରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ପ୍ରକାଶ ଯେ, ହାଜିପୁର ଗ୍ରାମର ସାରଦା ନୋଡାଲ ବିଦ୍ୟାଳୟରେ ଖୋଲାଯାଇଥିବା ୨୮ ନଂ ବୁଥରେ ଥିବା ବିଧାନସଭା ଆସନ ପାଇଁ ମତଦାନ ଇଭିଏମରେ ସମସ୍ୟା ସୃଷ୍ଟି ହୋଇଥିଲା। ତାହା ଠିକ୍ କରାଯିବା ପରେ ୧ଘଣ୍ଟା ବିଳମ୍ବରେ ଭୋଟ୍ ଗ୍ରହଣ ହୋଇଥିଲା। ସେହିପରି କୁଞ୍ଜକୋଠି ପଞ୍ଚାୟତସ୍ଥିତ ଖୁରାଣ୍ଟ ଗ୍ରାମର ଏ.କେ. ବିଦ୍ୟାପୀଠରେ ହୋଇଥିବା ୯୪ ନଂ ବୁଥ ଓ ଏରସମା ଉପ୍ରା ବିଦ୍ୟାଳୟରେ ହୋଇଥିବା ୧୧୦ ନଂ ବୁଥରେ ବିଧାୟକ ପାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ଇଭିଏମରେ ସମସ୍ୟା ସୃଷ୍ଟି ହୋଇଥିଲା। ହରିପା ପ୍ରାଥମିକ ବିଦ୍ୟାଳୟରେ ହୋଇଥିବା ୧୨୪ ନଂ ବୁଥରେ ଏମପି ପ୍ରାର୍ଥୀଙ୍କ ପାଇଁ ଥିବା ଇଭିଏମରେ ସମସ୍ୟା ଯୋଗୁ ଭୋଟ ଗ୍ରହଣରେ ବିଳମ୍ବ ଘଟିଥିଲା।

**ତିର୍ତ୍ତୋଲ,(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକର ୨୯ ପଞ୍ଚାୟତର ୧୪୯ ବୁଥରେ ମତଦାନ ପାଇଁ ପ୍ରଶାସନ ତରଫରୁ ବ୍ୟବସ୍ଥା କରାଯାଇଥିଲା। ୫ରୁ ଅଧିକ ବୁଥରେ ଇଭିଏମ ତ୍ରୁଟି କାରଣରୁ ମତଦାନ ବିଳମ୍ବ ହୋଇଥିଲା। ଫଳରେ ଏହି ସବୁ ବୁଥରେ ସନ୍ଧ୍ୟା ସାଢେ ୭ଟା ପରେ ବି ମତଦାନ ଜାରି ରହିଥିଲା। କୋଲର ପଞ୍ଚାତର ତାରତୋଲ ନୋଡାଲ ଉଚ୍ଚ ବିଦ୍ୟାଳୟରେ ହୋଇଥିବା ୫ନଂ ବୁଥରେ ଆରମ୍ଭରୁ ତ୍ରୁଟି ଦେଖାଯାଇଥିଲା। ଦୀର୍ଘ ସମୟ ଉଦ୍ୟମ ପରେ ମଧ୍ୟ ଇଭିଏମ କାର୍ଯ୍ୟକ୍ଷମ ହୋଇ ପାରିନଥିଲା। ବ୍ଲକ ପ୍ରଶାସନ ସହ ଯୋଗାଯୋଗ ପରେ ଅଲଗା ଇଭିଏମ ପଠାଯାଇଥିଲା। ଦିର୍ଘ ୪ଘଣ୍ଟା ବିଳମ୍ବରେ ପୂର୍ବାହ୍ନ ୧୧ ଟାରେ ଏହି ବୁଥରେ ମତଦାନ ହୋଇଥିଲା। ସେହିପରି ତେନ୍ତୁଳିପଦା ବୁଥ ଓ ତିର୍ତ୍ତୋଲ ପଞ୍ଚାୟତ ରଥିପୁର ସ୍କୁଲରେ ହୋଇଥିବା ୯୮ ନଂ ବୁଥରେ ଇଭିଏମ ତ୍ରୁଟି ଯୋଗୁ ୧ ଘଣ୍ଟା ବିଳମ୍ବରେ ଭୋଟ ଗ୍ରହଣ ହୋଇଥିଲା। ଜଡତିରା ପଞ୍ଚାୟତ ଅରଡା ସ୍କୁଲରେ ଦେଢ ଘଣ୍ଟା ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା। ତିର୍ତ୍ତୋଲ ପଞ୍ଚାୟତ ତିର୍ତ୍ତୋଲ ୟୁପି ସ୍କୁଲରେ ହୋଇଥିବା ୯୭ ନଂ ବୁଥରେ ମଧ୍ୟ ଏହି କାରଣରୁ ବିଳମ୍ବ ହୋଇଥିଲା।

**ରାସ୍ତା, ପାନୀୟଜଳର ସ୍ଥାୟୀ ବ୍ୟବସ୍ଥା ନ ଥିବାରୁ ପ୍ରତିବାଦ**

# ଭୋଟ ବର୍ଜନ କଲେ ୪୦ ପରିବାର

**ଚଣ୍ଡିଖୋଲ,୨୯।୪(ଡି.ଏନ.ଏ.)**

ରାସ୍ତା ଓ ପାନୀୟଜଳ ପାଇଁ ସ୍ଥାୟୀ ବ୍ୟବସ୍ଥା ନ ଥିବା ପ୍ରତିବାଦରେ ବଡ଼ଚଣା ବ୍ଲକ ଚାରିନଙ୍ଗଳ ପଞ୍ଚାୟତ ଗହରନଗରର ୪୦ ପରିବାର ଭୋଟ ବର୍ଜନ କରିଥିବା ଜଣାପଡ଼ିଛି। ସାହି ଭିତରକୁ ରାସ୍ତାଟିଏ ନାହିଁ। ପାନୀୟଜଳର ଘୋର ଅଭାବ। ଏଭଳି ସମସ୍ୟା ବର୍ଷ ବର୍ଷ ଧରି ଲାଗିରହିଥିଲେ ମଧ୍ୟ ପ୍ରାଶାସନ ଏହାର ସ୍ଥାୟୀ ପ୍ରତିକାର କରୁନାହିଁ। ଏହାର ସ୍ଥାୟୀ ସମାଧାନ ପାଇଁ ସାହି ବାସିନ୍ଦା ନେତାଙ୍କଠାରୁ ଆରମ୍ଭ କରି ପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କ ନିକଟରେ ଅଭିଯୋଗ କରିଆସୁଥିଲେ ମଧ୍ୟ ଏଯାବତ୍ ସମାଧାନ ହୋଇପାରିନାହିଁ। ଯାହାର ପ୍ରତିବାଦରେ ସୋମବାର ଗହରନଗରବାସୀ ଭୋଟ ବର୍ଜନ କରିଛନ୍ତି। ଏହି ବସ୍ତିରେ ୪୦ରୁ ଅଧିକ ଦଳିତ ଓ ମୁସଲମାନ ପରିବାର ରହିଆସୁଛନ୍ତି। ଏହି ସାହିରେ ପ୍ରାୟ ୧୫୦ ଭୋଟର ଅଛନ୍ତି। ତେବେ ଜଣେ ବଦାନ୍ୟ ବ୍ୟକ୍ତି ସାହି ବାସିନ୍ଦାଙ୍କ ଯାତାୟତ ପାଇଁ ତାଙ୍କ ଜମିରୁ କିଛି ଅଂଶ ଦେଇଥିବାରୁ ଅସ୍ଥାୟୀ ରାସ୍ତାଟିଏ ନିର୍ମାଣ କରାଯାଇଛି। ସାହି ଲୋକେ ପାନୀୟଜଳ ପାଇଁ ୪ ଶହ ମିଟର ଦୂରରେ ଥିବା ଅନ୍ୟ ଏକ ସାହିର ୨ ଜଣ ବ୍ୟକ୍ତିଙ୍କ ଘରୋଇ କୂଅ ଉପରେ ନିର୍ଭର କରୁଛନ୍ତି। କେବଳ ନିର୍ବାଚନ ସମୟ ଆସିଲେ ଭୋଟ ହାତେଇବା ପାଇଁ ନେତା ଓ ପ୍ରାର୍ଥୀଙ୍କର ଏ ସାହିରେ ପାଦ ପଡ଼ିଥାଏ ବୋଲି ଅତ୍ୟନ୍ତ କ୍ଷୋଭର ସହ ଘନଶ୍ୟାମ ଜେନା, ମାନସ ଜେନା, ସଇଦା ବିବି ଓ ସେକ୍ ହାରୁନ ମହମ୍ମଦ ସୋମବାର ଗଣମାଧ୍ୟମ ଆଗରେ ମୁହଁ ଖୋଲିଛନ୍ତି। ଏଥିସହ ଗରା, ମାଠିଆ ଧରି ରାସ୍ତାରେ ବସିରହିବା ସହ ଭୋଟ ବର୍ଜନ କରିଛନ୍ତି।




# ବିଦ୍ୟୁତ୍ କାଟ ପ୍ରତିବାଦରେ ରାସ୍ତାରୋକୋ



ସେସୁ କାର୍ଯ୍ୟାଳୟ ସମ୍ମୁଖରେ ଉପଭୋକ୍ତାଙ୍କ ରାସ୍ତାରୋକୋ।

**ଗଣିଆ,୨୯।୪(ଡି.ଏନ.ଏ.)**

ନୟାଗଡ଼ ଜିଲା ଗଣିଆ ଅଞ୍ଚଳରେ ଗତ କିଛିଦିନ ଧରିବାରମ୍ବାର ଅଘୋଷିତ ବିଦ୍ୟୁତ୍‌କାଟ ହେଉଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଅସହ୍ୟ ତାତି, ଗୁଳୁଗୁଳି ସାଙ୍ଗକୁ ବିଦ୍ୟୁତ୍ କାଟ ଯୋଗୁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ରବିବାର କୌଣସି ଝଡତୋଫାନ ହୋଇ ନ ଥିବା ବେଳେ କୌଣସି ସୂଚନା ନ ଥାଇ ମଧ୍ୟରାତ୍ରରୁ ହଠାତ୍ ଗଣିଆ ଅଞ୍ଚଳରେ ବିଦ୍ୟୁତ୍ କାଟ ହୋଇଥିଲା। ସୋମବାର ସକାଳ ୮ଟାରେ ବିଦ୍ୟୁତ୍ ସଂଯୋଗ କରାଯାଇଥିଲା। ପୁନଶ୍ଚ ସକାଳ ୧୦ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ କରାଯାଇଥିଲା। ବାରମ୍ବାର ବିଦ୍ୟୁତ୍ କାଟ ପ୍ରତିବାଦରେ ଗଣିଆ ଓ ଆଖପାଖ ଅଞ୍ଚଳର ୨ଶହରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ଉପଭୋକ୍ତା ଗଣିଆ ଚଉବଙ୍ଗ ତୋଟାସ୍ଥିତ ସେସୁ କାର୍ଯ୍ୟାଳୟରେ ତାଲା ପକାଇବା ସହ ପ୍ରତିବାଦ ସ୍ୱରୂପ ରାସ୍ତାରୋକୋ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟୁତ୍ ବିଭାଗର ଜଣେ କର୍ମଚାରୀ ଜଣେ ଉପଭୋକ୍ତାଙ୍କୁ ଗାଳିଗୁଲଜ, ଧମକଚମକ ଦେବା ଦ୍ୱାରା ସାଧାରଣରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ଘଟଣାସ୍ଥଳରେ ଗଣିଆ ଥାନା ଭାରପ୍ରାପ୍ତ ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧିମାନେ ପହଞ୍ଚି ବୁଝାଶୁଝା କରିବା ପରେ କାର୍ଯ୍ୟାଳୟରେ ତାଲା ଖୋଲାଯିବା ସହ ରାସ୍ତାରୋକୋ ହଟିଥିଲା। ତେବେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଗଣିଆ ଥାନାରେ ଏତଲା କରାଯିବା ସହ ତାଙ୍କୁ ଏଠାରୁ ଅନ୍ୟତ୍ର ବଦଳି କରାଯିବା ପାଇଁ ଉପଭୋକ୍ତାଙ୍କ ପକ୍ଷରୁ ଦାବି କରାଯାଇଛି।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତ୍ପଥୀ



ଈର୍ଷା ରୂପକ ଦାନବ କେବଳ ବିଷରେ ହିଁ ତିଆରି।
- ସେନେକା



## ସଂକ୍ଷେପରେ

### ବିଜେଡି ପ୍ରାର୍ଥୀଙ୍କ ସହ ଭୋଟରଙ୍କ ଗଣ୍ଡଗୋଳ

**କୋରେଇ/ ଯାଜପୁରରୋଡ, ୨୯।୪(ସ୍ୱ.ପ୍ର./ନି.ପ୍ର.):** ନିର୍ବାଚନ ଆୟୋଗଙ୍କ ନିୟମ ଅନୁଯାୟୀ ସନ୍ଧ୍ୟା ୬ଟାରେ କୌଣସି ଭୋଟର ବୁଥ୍ ପରିସରକୁ ଯାଇପାରିବେ ନାହିଁ ଓ ଯେଉଁମାନେ ଭିତରେ ଥିବେ ସେମାନେ ମତଦାନ କରିବେ। ହେଲେ ସୋମବାର କୋରେଇ ନିର୍ବାଚନମଣ୍ଡଳୀର ଜହ୍ନା ପଞ୍ଚାୟତ ଜହ୍ନା ଗ୍ରାମର ୧୩୦ ଓ ୧୩୧ ନଂ. ବୁଥ୍‌ରେ ମତଦାନ ଚାଲିଥିଲା। ସନ୍ଧ୍ୟା ୭ଟା ୪୫ରେ କୋରେଇ ବିଜେଡି ବିଧାୟକ ପ୍ରାର୍ଥୀ ଅଶୋକ ବଳ ତାଙ୍କର କିଛି ସମର୍ଥକଙ୍କୁ ନେଇ ଜବରଦସ୍ତ ବୁଥ୍ ଭିତରକୁ ଯାଇଥିଲେ। ଫଳରେ ସେଠାରେ ଥିବା ଲୋକଙ୍କ ସହ ତାଙ୍କର ପାଟିତୁଣ୍ଡ ହୋଇଥିବା ଅଭିଯୋଗ ହୋଇଥିଲା। ପରେ ଲୋକେ ଅଶୋକଙ୍କୁ ଠେଲାପେଲା କରି ତାଙ୍କ ଗାଡ଼ି ଭାଙ୍ଗିଦେଇଥିବାବେଳେ ସେ ଆହତ ହୋଇଛନ୍ତି। ପରେ ଅଶୋକ ଘଟଣାସ୍ଥଳରୁ ଫେରିଆସି ଡାକ୍ତରଖାନା ଯାଇଥିବା ଜଣାପଡ଼ିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ହୋଇ ନ ଥିବା ଜଣାପଡ଼ିଛି।

### ଦୁର୍ଘଟଣାରେ ଜଣେ ମୃତ

**ଚଣ୍ଡିଖୋଲ/ ଛତିଆ, ୨୯।୪(ଡି.ଏନ.ଏ.):** ୧୬ ନଂ. ଜାତୀୟ ରାଜପଥର ବଡ଼ଚଣା ଥାନା ଅନ୍ତର୍ଗତ ଏକ ପେଟ୍ରୋଲ ପମ୍ପ ସମ୍ମୁଖରେ ସୋମବାର ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କର ମୃତ୍ୟୁ ହୋଇଛି। ସେ ହେଲେ କଟକ ଚାନ୍ଦିନୀଚୌକ ଅଞ୍ଚଳର ବିଜୟ୍ କୁମାର ସିଂହ (୪୭)। ଖବରପାଇ ବଡ଼ଚଣା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବିଜୟ୍‌ଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଛି। ପ୍ରକାଶ ଯେ, ବିଜୟ୍ କଟକରୁ ତାଙ୍କ ବ୍ୟବସାୟ୍ ପ୍ରତିଷ୍ଠାନ ଜାରକାକୁ ଆସୁଥିଲେ। ଏହି ସମୟରେ ବଡ଼ଚଣା ଥାନା ଅନ୍ତର୍ଗତ ଏକ ପେଟ୍ରୋଲ ପମ୍ପ ସମ୍ମୁଖରେ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା।

## ଯାଜପୁର ଜିଲାରେ ସାଧାରଣ ନିର୍ବାଚନ

# ବିଳମ୍ବ ସତ୍ତ୍ୱେ ୬୩.୫୪ ପ୍ରତିଶତ ମତଦାନ

**ଯାଜପୁର ଅଫିସ, ୨୯।୪**

ଯାଜପୁର ଜିଲାରେ ସୋମବାର ଭୋଟଗ୍ରହଣ ସମ୍ପନ୍ନ ହୋଇଛି। ପ୍ରାୟ ୪୦ ଡିଗ୍ରୀ ତାପମାତ୍ରା ସହ ପ୍ରବଳ ଗୁଳୁଗୁଳିକୁ ଭ୍ରୁକ୍ଷେପ ନ କରି ଭୋଟର ଭୋଟଦାନରେ ସାମିଲ ହୋଇଥିଲେ। ଉଭୟ ପୋଲିଂ କର୍ମଚାରୀ ଓ ଭୋଟରଙ୍କ ଇଭିଏମ ଉପରେ ଅନଭିଜ୍ଞତା କାରଣରୁ କେତେକ ସ୍ଥାନରେ ବିଳମ୍ବରେ ମତଦାନ ହୋଇଥିଲା। ଏପରିକି ମନ୍ଥର ଭୋଟଦାନ ଯୋଗୁ ଖବର ଲେଖାଯିବା ପର୍ଯ୍ୟନ୍ତ (ରାତି ୯ଟା ସୁଦ୍ଧା) ଜିଲାର କେତୋଟି ବୁଥରେ ଭୋଟଗ୍ରହଣ ଚାଲିଥିଲା। ଯାଜପୁର ଲୋକସଭା ଆସନ ଅନ୍ତର୍ଗତ ବିଞ୍ଝାରପୁର (ସଂରକ୍ଷିତ), ଯାଜପୁର, ବରୀ, ବଡଚଣା, ଧର୍ମଶାଳା, କୋରେଇ ଓ ସୁକିନ୍ଦା ନିର୍ବାଚନମଣ୍ଡଳୀ ଆସନଗୁଡ଼ିକରେ ଭୋଟଦାନ ହାର ସନ୍ଧ୍ୟା ୫ଟା ସୁଦ୍ଧା ୬୩.୫୪ ପ୍ରତିଶତରୁ ଅଧିକ ରହିଥିଲା। ନିର୍ଦ୍ଧାରିତ ସମୟ ସକାଳ ୭ଟାରୁ ଭୋଟଗ୍ରହଣ ଆରମ୍ଭ ସହ ବୁଥଗୁଡିକରେ ଭୋଟରଙ୍କ ଭିଡ ଲାଗି ରହିଥିଲା। ଯାଜପୁର ବିଧାନସଭା ଅନ୍ତର୍ଗତ ଯାଜପୁର ସହରର ବାହାବଲପୁର, ଲାଲବାଗ ୟୁପି ସ୍କୁଲ ପ୍ରଭୃତି ବୁଥରେ ଇଭିଏମ ଅଚଳ ହୋଇପଡିବାରୁ ବିଳମ୍ବରେ ଯାଇ ଭୋଟଗ୍ରହଣ ଆରମ୍ଭ ହୋଇଥିଲା। ସେହିପରି କୋରେଇ ନିର୍ବାଚନ ଆସନ ଅନ୍ତର୍ଗତ ବ୍ୟାସନଗର ସହର, ଭୋଟକା ଗ୍ରାମ ପଞ୍ଚାୟତର ୧୯୧ ନମ୍ବର ବୁଥରେ ଇଭିଏମରେ ତ୍ରୁଟି ଯୋଗୁ ଭୋଟରଙ୍କୁ ମତଦାନ କରିବାକୁ ଅପେକ୍ଷା କରିବାକୁ ପଡିଥିଲା। ବଡଚଣା ନିର୍ବାଚନମଣ୍ଡଳୀର ଆମ୍ବସଡରି, ଚାରିନଙ୍ଗଲ, ବୁଲୁକା ପ୍ରଭୃତି ଗ୍ରାମରେ ଇଭିଏମ ତ୍ରୁଟି ଯୋଗୁ ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା। ସୁକିନ୍ଦା ନିର୍ବାଚନମଣ୍ଡଳୀର ଡୁବୁରୀ, କୋରେଇ, ସୁକିନ୍ଦା ବ୍ଲକ କାଙ୍କଡପାଳ ଆଦି ବୁଥରେ ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା। ଏଥିଯୋଗୁ ୫୦ରୁ ଊର୍ଦ୍ଧ୍ୱ ବୁଥରେ ରାତି ଯାଏ ଭୋଟଦାନ ହୋଇଥିଲା। ତେବେ ସନ୍ଧ୍ୟା ୫ଟା ସୁଦ୍ଧା ବିଞ୍ଝାରପୁରରେ ୬୩, ବରୀରେ ୬୪, ବଡ଼ଚଣା ୬୪, ଧର୍ମଶାଳାରେ ୬୩, ଯାଜପୁରରେ ୬୩, କୋରେଇ ଓ ସୁକିନ୍ଦାରେ ୬୪ ମତଦାନ ହୋଇଥିଲା। ଜିଲାରେ ଶେଷ ପର୍ଯ୍ୟନ୍ତ ମତଦାନ ପ୍ରାୟ ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ ହେବ ବୋଲି ପ୍ରଶାସନ ପକ୍ଷରୁ ଆକଳନ କରାଯାଇଛି।

## ଇଭିଏମରେ ସିଲ୍ ୬୧ ପ୍ରାର୍ଥୀଙ୍କ ଭାଗ୍ୟ

**ଯାଜପୁର ଅଫିସ, ୨୯।୪**

ଯାଜପୁର ଜିଲାର ୭ ବିଧାନସଭା ଓ ୧ ଲୋକସଭା ଆସନ ପାଇଁ ୪ର୍ଥ ପର୍ଯ୍ୟାୟ ମତଦାନ ସୋମବାର ଶେଷ ହୋଇଛି। ଏହି ପର୍ଯ୍ୟାୟ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜିଲାର ୬୧ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ ହୋଇଛି। ଜନତାଙ୍କ ରାୟ ମେ ୨୩ରେ ପ୍ରକାଶ ପାଇବ। ଏଥିରେ ବିଜେଡିର ପ୍ରଭାବଶାଳୀ ନେତା ପ୍ରଣବପ୍ରକାଶ ଦାସ, ପ୍ରମିଳା ମଲିକ, ଅମରପ୍ରସାଦ ଶତପଥି, ପ୍ରଣବ ବଳୱନ୍ତରାୟ, ପ୍ରୀତିରଞ୍ଜନ ଘଡେଇ, ଗୌତମ ରାୟ, ଶରତ ରାଉତ ପ୍ରମୁଖ ହେଭିୱେଟ ନେତା ରହିଛନ୍ତି।

ନବାଗତ ଭାବେ ବିଜେଡିରୁ ଅଶୋକ ବଳ କୋରେଇ ଓ ସୁନନ୍ଦା ଦାସ ବରୀରୁ ପ୍ରାର୍ଥୀ ହୋଇଛନ୍ତି । ପ୍ରଥମ କରି ବିଧାନସଭା ଲଢିଥିବାରୁ ଏହି ଦୁଇ ନବାଗତ ନେତାନେତ୍ରୀ ବହୁତ ଉତ୍ସାହିତ ଅଛନ୍ତି । ଭାଜପା ଜିଲା ସଭାପତି ଗୌତମ ରାୟ ଓ ବରୀ ପ୍ରାର୍ଥୀ ବିଶ୍ୱରଞ୍ଜନ ନାୟକ ପ୍ରତିଷ୍ଠିତ ନେତା ଭାବେ ନିର୍ବାଚନ ଲଢିଛନ୍ତି । କଂଗ୍ରେସରୁ ପୂର୍ବତନ ମନ୍ତ୍ରୀ ଶରତ ରାଉତ, ପୂର୍ବତନ ବ୍ୟାସନଗର ପୌରାଧ୍ୟକ୍ଷା ବନ୍ଦିତା ପରିଡା ପ୍ରମୁଖଙ୍କ ସମ୍ପର୍କରେ ଭୋଟ ମାଧ୍ୟମରେ ଜନତା ରାୟ ଦେଇଛନ୍ତି । ଯାଜପୁର ଲୋକସଭା ଆସନ ପାଇଁ ୮ ପ୍ରାର୍ଥୀ ରହିଥିଲେ। ଏମାନଙ୍କ ମଧ୍ୟରୁ ବିଜେଡିର ଶର୍ମିଷ୍ଠା ସେଠୀ, ଭାଜପାର ଅମିୟକାନ୍ତ ମଲିକ ଓ କଂଗ୍ରେସର ମାନସ ଜେନା ନିଜର ଭାଗ୍ୟ ପରୀକ୍ଷା କରିଛନ୍ତି।

# ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ



ମତଦାନ କେନ୍ଦ୍ରରେ ଭୋଟରଙ୍କ ଲମ୍ବା ଧାଡ଼ି।

**ବିଞ୍ଝାରପୁର/ ଦଶରଥପୁର, ୨୯।୪(ଡି.ଏନ.ଏ)**

**ବିଞ୍ଝାରପୁର ନିର୍ବାଚନମଣ୍ଡଳୀ**

ସୋମବାର ଚତୁର୍ଥ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଅବସରରେ ବିଞ୍ଝାରପୁର ବ୍ଲକର ୨୯ ପଞ୍ଚାୟତ ଓ ଦଶରଥପୁର ବ୍ଲକ୍‌ର ୧୫ ପଞ୍ଚାୟତକୁ ନେଇ ଗଠିତ ବିଞ୍ଝାରପୁର ନିର୍ବାଚନମଣ୍ଡଳୀରେ କାଁ ଭାଁ କେତେକ ସ୍ଥାନକୁ ଛାଡି ଦେଲେ ଅନ୍ୟ ସମସ୍ତ ସ୍ଥାନରେ ଶାନ୍ତି ଶୃଙ୍ଖଳାର ସହିତ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ତେବେ ଇଭିଏମରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ବିଞ୍ଝାରପୁର ବ୍ଲକର ଅରେଇ, କଲ୍ୟାଣପୁର, ଫତେପୁର, ସିଂହପୁର, ଜରୀ ଆଦି ବିଭିନ୍ନ ପଞ୍ଚାୟତର କେତେକ ବୁଥରେ ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା। ଏହା ସହିତ ଏହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଦଶରଥପୁର ବ୍ଲକରେ ରହୁଥିବା ଖାନନଗର ପଞ୍ଚାୟତ ଖାନନଗର ପ୍ରାଇମେରୀ ସ୍କୁଲ, ନିଜାମପୁର ପଞ୍ଚାୟତ ସୋଲପାଟ ନୋଡାଲ ସ୍କୁଲ, ବିରୁହାଁ ପଞ୍ଚାୟତ ବିରୁହାଁ ଉପ୍ରା ବିଦ୍ୟାଳୟରେ ମଧ୍ୟ ଇଭିଏମ୍ ଅଚଳ ଯୋଗୁ ବିଳମ୍ବରେ ଭୋଟ ଗ୍ରହଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଯାହାକୁ ନେଇ ଭୋଟରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ବ୍ଲକରେ ମୋଟ ୧୬୦ଟି ବୁଥରେ ୧ଲକ୍ଷ୪୭ ହଜାର,୩୨୪ ଭୋଟର ମତଦାନ କରିବା ନେଇ ପ୍ରଶାସନ ଓ ନିର୍ବାଚନ ଆୟୋଗ ପକ୍ଷରୁ ବନ୍ଦୋବସ୍ତ କରାଯାଇଥିଲା । ମାତ୍ର ଭୋଟ ହାର କମିଥିବା ସୂଚନା ମିଳିଛି। ବ୍ଲକର ୮୯, ୯୦, ୮୪, ୮୫, ୧୩୬, ୧୩୭,୧୩୮, ୨୩୬, ୨୩୭, ୨୩୮ ଆଦି ବୁଥଗୁଡିକୁ ଆଦର୍ଶ ବୁଥଭାବେ ଗ୍ରହଣ କରାଯାଇଥିଲା। ସକାଳେ ବିଜେଡି ବିଧାୟିକା ପ୍ରାର୍ଥୀ ପ୍ରମିଳା ମଲ୍ଲିକ ନିଜ ବୁଥ ମଲ୍ଲିବଣଠାରେ ମତଦାନ କରିଥିବା ବେଳେ ଭାଜପା ପ୍ରାର୍ଥୀ ବବିତା ମଲ୍ଲିକ ମଧ୍ୟ ନିଜ ବୁଥ ନାରୀଗାଁରେ ମତଦାନ କରିଥିଲେ। ୨୩୧, ୨୩୫, ୧୪, ୧୫, ୧୩୫, ୧୦୮, ୧୭୨, ୯୦ ଆଦି ବୁଥରେ ମତଦାନକୁ କେନ୍ଦ୍ର କରି ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଶାସନ୍ଦା, କଲ୍ୟାଣପୁର, ମାଁସଡା, ବାଙ୍ଗରା, ବିତନା, ଓଳେଇ, ଚମ୍ପାପାଳ ଆଦି ସ୍ଥାନରେ ଗଣ୍ଡଗୋଳ ଘଉଡ଼ାଇବା ପାଇଁ ପୋଲିସ ଲାଠି ମାଡ କରିଛି। ଘଣ୍ଟିଆଳିଠାରେ ମଧ୍ୟ କେତେକ ସ୍ଥାନରେ ଉତ୍ତେଜନା ପ୍ରକାଶ ପାଇଥିଲା। ନିର୍ବାଚନ ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ବିଞ୍ଝାରପୁର ଥାନା ଅଧିକାରୀ ଶିବଚରଣ ବେହେରାଙ୍କ ନେତୃତ୍ୱରେ ୧୦ଟି ପାଟ୍ରୋଲିଂ ଭ୍ୟାନ, ୬ ପ୍ଲାଟୁନ ଶସସ୍ତ୍ର ପୋଲିସ ଫୋର୍ସ ମୁତୟନ ହୋଇଥିଲେ।

## ସୁରକ୍ଷାକର୍ମୀଙ୍କ ମାଡ଼ରେ ଦିବ୍ୟାଙ୍ଗ ଆହତ

**ଉତ୍ତେଜନା, ରାସ୍ତା ଅବରୋଧ କଲେ ଲୋକେ**

**ବିଞ୍ଝାରପୁର, ୨୯।୪(ଡି.ଏନ.ଏ)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କଏଣା-ରଘୁନାଥ ଗ୍ରାମ ପଞ୍ଚାୟତର ସୟଦପୁର ଛକରେ ସୋମବାର ଅପରାହ୍ନରେ ପୂର୍ବ ଶତ୍ରୁତାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସେଥିରେ ୨ଜଣ ଆହତ ହୋଇଥିଲେ। ଖବରପାଇ ବିଞ୍ଝାରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ଘଉଡାଉ ଥିଲେ। ଏହି ସମୟରେ ସ୍ଥାନୀୟ ମତଦାନ କେନ୍ଦ୍ରରୁ ଫେରୁଥିବା ଜଣେ ଦିବ୍ୟାଙ୍ଗ ଫକୀର ମଲ୍ଲିକ (୪୨) ସୁରକ୍ଷାକର୍ମୀଙ୍କ ମାଡରେ ଆହତ ହୋଇଥିଲେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ସହିତ ପ୍ରତିବାଦରେ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ଖବରପାଇ ଘଟଣାସ୍ଥଳରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅକ୍ଷୟ କୁମାର ଦାସ, ଏସଡିପିଓ ବିଜୟ କୁମାର ମଲ୍ଲିକ ଓ ବିଞ୍ଝାରପୁର ଥାନାଧିକାରୀ ଶିବଚରଣ ବେହେରା ପହଞ୍ଚି ଆହତ ଦିବ୍ୟାଙ୍ଗଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସ୍ଥାନୀୟ ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ଏ ନେଇ କୌଣସି ଅଭିଯୋଗ ଥାନାରେ ହୋଇ ନ ଥିଲାବେଳେ ଗଣ୍ଡଗୋଳ କରିଥିବା ଉଭୟ ପକ୍ଷଙ୍କ ମଧ୍ୟରେ ଆପୋସ ସମାଧାନ ହୋଇଯାଇଥିବା ଜଣାପଡିଛି।


**ପୂର୍ବ ତଟ ରେଳପଥ**
**ଭଡ଼ା ସୂତ୍ରରେ ଗାଡ଼ି**

ଫାଇଲ ନଂ.DRM/Engg/KUR/19-20/ E-tender/06, ତା.25.04.2019ରିଖ

1. ଟେଣ୍ଡର ବିଜ୍ଞପ୍ତି ସଂ.e-Tender-NORTH-KUR-20-2019, ତା.18.04.2019ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ / କେନ୍ଦୁଝରଗଡ଼ଙ୍କ ନିମନ୍ତେ ଗୋଟିଏ ହାଲୁକା ମୋଟର ଗାଡ଼ି(ଟାଟା ସୁମୋ / ବୋଲେରୋ କିମ୍ବା ଅନୁରୂପ ଗାଡ଼ି) ଭଡ଼ା ସୂତ୍ରରେ ନେବା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 15.50 ଲକ୍ଷ, EMD (ଟଙ୍କାରେ) : 31,000/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 2,360/-, ଶେଷ ହେବା ଅବଧି : 36 (ଛତିଶି) ମାସ ।

2. ଟେଣ୍ଡର ବିଜ୍ଞପ୍ତି ସଂ.e-Tender-ESTATE-KUR-21-2019, ତା.18.04.2019ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ (ସେଟେଲମେଣ୍ଟ) / ମୁଖ୍ୟାଳୟ / ଚନ୍ଦ୍ରଶେଖରପୁରଙ୍କ ନିମନ୍ତେ ଗୋଟିଏ ହାଲୁକା ମୋଟର ଗାଡ଼ି (ଟାଟା ସୁମୋ / ମହିନ୍ଦ୍ରା ବୋଲେରୋ କିମ୍ବା ଅନୁରୂପ ନନ୍-ଏସି) ଭଡ଼ା ସୂତ୍ରରେ ନେବା (ଦୁଇ ବର୍ଷ ସମୟାବଧି ନିମନ୍ତେ) ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 8.90 ଲକ୍ଷ, EMD (ଟଙ୍କାରେ) : 17,800/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 2,360/-, ଶେଷ ହେବା ଅବଧି : 24 (ଚବିଶି) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ଉଭୟ ଟେଣ୍ଡର ନିମନ୍ତେ) :** ତା.10.05.2019 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବକୁ ଫାର୍ମ (Firm) ର ଲେଟର ହେଡ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ । ସେହି ସବୁ ମାନୁଆଲ ପ୍ରସ୍ତାବ ଗୁଡ଼ିକୁ ଅବୈଧ ଭାବେ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାନଯାଇ ନାକଚ କରି ଦିଆଯିବ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ଦଶ ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ)
PR-56 (A)/K/19-20 ଖୋର୍ଦ୍ଧା ରୋଡ୍



**ପୂର୍ବ ତଟ ରେଳପଥ**
**ଭଡ଼ା ସୂତ୍ରରେ ଗାଡ଼ି**

1. ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-OT-VEH-SSES-PURI-149, ତା.24.04.2019ରିଖ

**କାର୍ଯ୍ୟର ନାମ :** 24 ମାସ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(ସିଗ୍ନାଲ) ଭାରପ୍ରାପ୍ତ / ପୁରୀଙ୍କ ବିଭାଗୀୟ ବ୍ୟବହାର ନିମନ୍ତେ ପ୍ରସ୍ତାବିତ TATA-207 DI EX କିମ୍ବା ଅନୁରୂପ ଗାଡ଼ି ଭଡ଼ା ସୂତ୍ରରେ ନେବା ।

**ଟେଣ୍ଡର ମୂଲ୍ୟ (ଟଙ୍କାରେ) :** 9,50,568.08, EMD (ଟଙ୍କାରେ) : 19,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 2,360/-(18% GST ସହିତ) ।

2. ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-OT-VEH-SSES-BBS-150, ତା.24.04.2019ରିଖ

**କାର୍ଯ୍ୟର ନାମ :** ଅବଶିଷ୍ଟ 24 ମାସ ଅବଧି ନିମନ୍ତେ ସିଗ୍ନାଲିଙ୍ଗ୍ ପରିସଂପତ୍ତି (Assets)ର ରକ୍ଷଣାବେକ୍ଷଣ, ବ୍ରେକ୍‌ଡାଉନ୍ ସ୍ଥଳରେ ଉପସ୍ଥିତ (Attending Breakdown) ହେବା ଏବଂ ଯାତ୍ରା ସମୟରେ ଅଟକ (Enroute Detention) କୁ ଦୂର କରିବା ନିମନ୍ତେ ସିନିୟର ସେକ୍ସନ ଇଂଜିନିୟର / ସିଗ୍ନାଲ / ଭୁବନେଶ୍ୱର ଅଧୀନରେ ସିଗ୍ନାଲିଙ୍ଗ୍ କର୍ମଚାରୀ ଏବଂ ସାମଗ୍ରୀଗୁଡ଼ିକର ପରିବହନ ନିମନ୍ତେ ଦିନ ରାତି (Round the clock) ଚାଳକ ସହିତ TATA-207 DI କିମ୍ବା ଅନୁରୂପ ଗୋଟିଏ ବହୁ-ଉପଯୋଗିତା ଗାଡ଼ି ଭଡ଼ା ସୂତ୍ରରେ ନେବା ।

**ଟେଣ୍ଡର ମୂଲ୍ୟ (ଟଙ୍କାରେ) :** 8,47,536/-, EMD (ଟଙ୍କାରେ) : 17,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 2,360/-(18% GST ସହିତ) ।

3. ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-OT-VEH-SSES-BALU-151, ତା.24.04.2019ରିଖ

**କାର୍ଯ୍ୟର ନାମ :** ଅବଶିଷ୍ଟ 24 ମାସ ଅବଧି ନିମନ୍ତେ ସିଗ୍ନାଲିଙ୍ଗ୍ ପରିସଂପତ୍ତି (Assets)ର ରକ୍ଷଣାବେକ୍ଷଣ, ବ୍ରେକ୍‌ଡାଉନ୍ ସ୍ଥଳରେ ଉପସ୍ଥିତ (Attending Breakdown) ହେବା ଏବଂ ଯାତ୍ରା ସମୟରେ ଅଟକ (Enroute Detention) କୁ ଦୂର କରିବା ନିମନ୍ତେ ସିନିୟର ସେକ୍ସନ ଇଂଜିନିୟର / ସିଗ୍ନାଲ / ବାଲୁଗାଁ ଅଧୀନରେ ସିଗ୍ନାଲିଙ୍ଗ୍ କର୍ମଚାରୀ ଏବଂ ସାମଗ୍ରୀଗୁଡ଼ିକର ପରିବହନ ନିମନ୍ତେ ଦିନ ରାତି (Round the clock) ଚାଳକ ସହିତ TATA-207 DI କିମ୍ବା ଅନୁରୂପ ଭଳି ଗୋଟିଏ ବହୁ-ଉପଯୋଗିତା ଗାଡ଼ି ଭଡ଼ା ସୂତ୍ରରେ ନେବା ।

**ଟେଣ୍ଡର ମୂଲ୍ୟ (ଟଙ୍କାରେ) :** 8,22,336/-, EMD (ଟଙ୍କାରେ) : 16,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 2,360/-(18% GST ସହିତ) ।

4. ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-OT-VEH-TRUCK-KUR-152, ତା.24.04.2019ରିଖ

**କାର୍ଯ୍ୟର ନାମ :** 24 ଘଣ୍ଟିଆ ଉପଲବ୍ଧତା ସହିତ 24 ମାସ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ଖୋର୍ଦ୍ଧା ରୋଡ୍ ଠାରେ ସିନିୟର ସେକ୍ସନ ଇଂଜିନିୟର(ଦକ୍ଷିଣ)ଙ୍କ ନିମନ୍ତେ SWARAJ MAZDA LIMITED SARTAJ HG 72 BS-IV 3335 / Eicher 10.75 E2 PLUS 3515 କିମ୍ବା ଅନୁରୂପ ମେକ୍ ଏବଂ ମଡେଲ ବିଶିଷ୍ଟ 4.5 ଟନ୍ ବୋଝେଇ କ୍ଷମତାଯୁକ୍ତ ଟ୍ରକ୍ ଭଡ଼ା ସୂତ୍ରରେ ନେବା ଏବଂ ପରିଚାଳନା ।

**ଟେଣ୍ଡର ମୂଲ୍ୟ (ଟଙ୍କାରେ) :** 11,28,116.10, EMD (ଟଙ୍କାରେ) : 22,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 2,360/-(18% GST ସହିତ) ।

ବିଡ୍ ଆରମ୍ଭ ହେବା ତାରିଖ (ସମସ୍ତ ଟେଣ୍ଡର ନିମନ୍ତେ) : ତା.02.05.2019ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) :** ତା.16.05.2019 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବକୁ ଫାର୍ମ (Firm) ର ଲେଟର ହେଡ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ । ସେହି ସବୁ ମାନୁଆଲ ପ୍ରସ୍ତାବ ଗୁଡ଼ିକୁ ଅବୈଧ ଭାବେ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାନଯାଇ ନାକଚ କରି ଦିଆଯିବ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)
PR-54/K/19-20 ଖୋର୍ଦ୍ଧା ରୋଡ୍


## ବୁଥ୍‌ରେ ରିଗିଂ ଅଭିଯୋଗ ଆଣିଲେ ପ୍ରାର୍ଥୀ

**ଧର୍ମଶାଳା, ୨୯।୪(ଡି.ଏନ୍.ଏ.)**

ଧର୍ମଶାଳା ନିର୍ବାଚନମଣ୍ଡଳୀରେ ସୋମବାର କାଁଭାଁ କେତେକ ସ୍ଥାନରେ ଗଣ୍ଡ ଗୋଳ ପରିସ୍ଥିତି ଦେଖାଦେଇଥିବାବେଳେ ଅନ୍ୟ ବୁଥ୍‌ଗୁଡିକରେ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଚଳିତ ନିର୍ବାଚନରେ ନିର୍ବାଚନମଣ୍ଡଳୀରେ ୨୫୮ଟି ବୁଥ୍ କରାଯାଇଥିଲା। ସେଥିମଧ୍ୟରୁ ୫୪ଟି ବୁଥ୍ ଉତ୍ତେଜନା ପ୍ରବଣ ଭାବେ ଚିହ୍ନଟ ହୋଇଥିଲା। ଏହି ବୁଥ୍ ମଧ୍ୟରୁ ୧୮ଟି ବୁଥ୍‌ରେ ସିଏପିଏଫ, ୨୭ ବୁଥ୍‌ରେ ୱେବକଷ୍ଟା, ୯ଟି ସ୍ଥାନରେ ଭିଡିଓ ଗ୍ରାଫି, ୧୩ଟି ସ୍ଥାନରେ ସିସିଟିଭି, ୧୩ଟି ସ୍ଥାନରେ ମାଇକ୍ରୋଅବଜରଭର ବ୍ୟବସ୍ଥା କରାଯାଇଥିଲା। ୧୭୩ନମ୍ବର ବୁଥ୍‌ରେ ୫୭ଟି ମତଦାନ ପରେ ଇଭିଏମ ଭଙ୍ଗାରୁଜା ହୋଇଥିଲା। ୧୫ରୁ ୨୦ଟି ବୁଥ୍‌ରେ ଇଭିଏମ ତ୍ରୁଟି ଯୋଗୁ କିଛି ସମୟ ବିଳମ୍ବରେ ଭୋଟ ଗ୍ରହଣ କରାଯାଇଛି। ବୁଥ୍ ଦାୟିତ୍ୱରେ ଥିବା ପ୍ରିଜାଇଡିଂ ଅଧିକାରୀ ସମସ୍ତ ବୁଥ୍ ପରିଦର୍ଶନ କରିଥିବା ସୂଚନା ଦେଇଛନ୍ତି। ଅପରପକ୍ଷେ ନିର୍ବାଚନ ପରାଜୟ ଭୟରେ ୯୫,୧୪୮,୧୩୬,୧୪୦, ୧୬୭, ୧୬୮, ୧୭୦, ୧୭୨ ଓ ୮୪ନମ୍ବର ବୁଥ୍‌ରେ ରିଗିଂ ହୋଇଥିବା ଭାଜପା ପ୍ରାର୍ଥୀ ରମେଶ ଚନ୍ଦ୍ର ପରିଡା ରାଜ୍ୟ ନିର୍ବାଚନ ଆୟୋଗ ଓ ଜିଲା ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏଥିସହ ବୁଥଗୁଡିକରେ ପୁନଃ ମତଦାନ ପାଇଁ ସେ ଦାବି କରିଛନ୍ତି। ସେହିପରି କଂଗ୍ରେସ ପ୍ରାର୍ଥୀ ସ୍ମୃତିରେଖା ପହୀ ବୁଥ୍‌ଗୁଡିକରେ ତାଙ୍କ ଦ୍ୱାରା ନିଯୁକ୍ତ ଏଜେଣ୍ଟଙ୍କୁ ଧମକ ଚମକ ଦେଇ ବାହାର କରି ଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି। ବିଶେଷକରି ଶାସକ ଦଳ ପକ୍ଷରୁ ବୁଥ୍ ରିଗିଂ କରାଯାଇଛି ବୋଲି ପହୀ ଗଣମାଧ୍ୟମକୁ ସୂଚନା ଦେବା ସହ ରାଜ୍ୟ ଓ ଜିଲା ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିବା କହିଛନ୍ତି।

## ଧର୍ମଶାଳା ବ୍ଲକରେ ସନ୍ଧ୍ୟା ସୁଦ୍ଧା ୬୬ ପ୍ରତିଶତ ମତଦାନ

**ଧର୍ମଶାଳା, ୨୯।୪(ଡି.ଏନ୍.ଏ.):** ଧର୍ମଶାଳା ବିଧାନସଭା ଆସନ ପାଇଁ ୪ର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ସୋମବାର ସନ୍ଧ୍ୟା ୬ଟା ସୁଦ୍ଧା ୬୬ ପ୍ରତିଶତ ମତଦାନ ହୋଇଛି। ତେବେ ସନ୍ଧ୍ୟା ସୁଦ୍ଧା ୧ଲକ୍ଷ ୪୮ହଜାର ୧୩ଜଣ ମତଦାନ କରିଥିବାବେଳେ କେତେକ ବୁଥ୍‌ରେ ୬ଟା ପରେ ମଧ୍ୟ ଭୋଟ ଜାରି ରହିଥିବାରୁ ମତଦାନ ହାର ବୃଦ୍ଧି ପାଇପାରେ ବୋଲି ନୋଡାଲ ଅଧିକାରୀ ତଥା ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା ସୂଚନା ଦେଇଛନ୍ତି। ୨୦୧୪ରେ ୧ଲକ୍ଷ ୯୪ ହଜାର ୮୫୩ଜଣ ମତଦାତାଙ୍କ ମଧ୍ୟରୁ ୮୧.୭୨ହାରରେ ୧ଲକ୍ଷ ୬୯ହଜାର ୨୪୪ଜଣ ମତଦାନ କରିଥିଲେ। ଚଳିତ ୨୫୮ଟି ବୁଥ୍‌ରେ ୨୯ହଜାର ୪ଶହ ୧୦ଜଣ ନୂତନ ଭୋଟରଙ୍କ ନାମ ପଞ୍ଜୀକୃତ ହୋଇଥିବା ବେଳେ ମତଦାତାଙ୍କ ସଂଖ୍ୟା ୨ଲକ୍ଷ ୨୪ହଜାର ୨୬୩ରେ ପହଞ୍ଚିଛି।


**ସେସୁ ବିଦ୍ୟୁତ୍ ଗ୍ରାହକ ତଥା ଜନ ସାଧାରଣ ମାନଙ୍କ ଅବଗତି ନିମନ୍ତେ ଜରୁରୀ ସୂଚନା**

ଏତଦ୍ୱାରା ସେସୁ ଅଧିନସ୍ଥ ସମସ୍ତ ବିଦ୍ୟୁତ୍ ଗ୍ରାହକ ଏବଂ ଜନ ସାଧାରଣ ମାନଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉ ଅଛି ଯେ, ଗତ ତା ୩୦.୦୧.୨୦୧୩ ରିଖରେ "ସେସୁ" (Central Electricity Supply Utility of Odisha) ଏବଂ ମେସର୍ସ ସି ସାଇଡ୍ ୟୁଟିଲିଟି ପ୍ରାଇଭେଟ୍ ଲିମିଟେଡ୍ (SUPL) ମଧ୍ୟରେ ନିମାପଡ଼ା ଇଲେକ୍ଟ୍ରିକାଲ ଡିଭିଜନ ପାଇଁ ହୋଇଥିବା ଡିଷ୍ଟ୍ରିବ୍ୟୁସନ ଫ୍ରାନଚାଇଜ୍ ଏଗ୍ରୀମେଣ୍ଟ (Distribution Franchisee Agreement) ମାନ୍ୟବର ହାଇକୋର୍ଟ, ଓଡିଶାଙ୍କର କେଶ୍ ସଂଖ୍ୟା WPC 10868 of 2018 ତା୨୭.୦୩.୨୦୧୯ ରିଖର ଆଦେଶ ଅନୁଯାୟୀ ଗତ ତା ୩୧.୦୩.୨୦୧୯ ରିଖରେ ସମାପ୍ତ ହୋଇଯାଇଅଛି ।

ଏଣୁ ତା ୦୧.୦୪.୨୦୧୯ ରିଖ ଠାରୁ "ମେସର୍ସ ଏସ୍.ୟୁ.ପି.ଏଲ" ଦ୍ୱାରା ଉପରୋକ୍ତ ବିଦ୍ୟୁତ୍ ଡିଭିଜନରେ କରାଯାଉଥିବା ସମସ୍ତ କାର୍ଯ୍ୟଗୁଡିକୁ "ସେସୁ" ସମ୍ପାଦନ କରୁଛି । କିନ୍ତୁ ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାଇ ମାର୍ଚ୍ଚ ମାସ ୨୦୧୯ ର ବିଦ୍ୟୁତ୍ ଦେୟ ଆଦାୟ କରିବା ପାଇଁ ଏସ୍.ୟୁ.ପି.ଏଲ ସଂସ୍ଥାକୁ ତା ୦୧.୦୪.୨୦୧୯ ରିଖ ରୁ ତା ୧୦.୦୪.୨୦୧୯ ରିଖ ପର୍ଯ୍ୟନ୍ତ ସୁଯୋଗ ଦିଆଯାଇଥିଲା । ଏଣୁ ଏହି ସମୟ ମଧ୍ୟରେ SUPL ଦ୍ୱାରା ଆଦାୟ କରାଯାଇ ସେସୁରେ ଦାଖଲ ହୋଇଥିବା ବିଦ୍ୟୁତ୍ ଦେୟକୁ ଗ୍ରାହକଙ୍କ ପରବର୍ତ୍ତି ବିଦ୍ୟୁତ୍ ବିଲ୍‌ରେ ପ୍ରତିଫଳନ କରାଯିବ ।

ଉପରୋକ୍ତ ବିଦ୍ୟୁତ୍ ଡିଭିଜନର ସମସ୍ତ ବିଦ୍ୟୁତ୍ ଗ୍ରାହକମାନଙ୍କୁ ଅନୁରୋଧ କରାଯାଉ ଅଛି କି, ସେମାନଙ୍କର ସମସ୍ତ ପ୍ରକାର ବିଦ୍ୟୁତ୍ ଦେୟ ସେସୁର କର୍ମଚାରୀଙ୍କୁ ଏବଂ ସେମାନଙ୍କ ଅଞ୍ଚଳରେ ଥିବା ସେସୁ କାର୍ଯ୍ୟାଳୟରେ ପଇଠ କରିବେ ଓ ସେସୁର ରସିଦ୍ ପାଇ ପାରିବେ । ପୁନଶ୍ଚ ବିଦ୍ୟୁତ୍ ଗ୍ରାହକ ତଥା ଜନ ସାଧାରଣ ମାନଙ୍କୁ ଅନୁରୋଧ କରାଯାଉ ଅଛି କି ସେମାନେ ସେମାନଙ୍କର ବିଦ୍ୟୁତ୍ ସମ୍ବନ୍ଧୀୟ ଅଭିଯୋଗମାନ ସେମାନଙ୍କ ଅଞ୍ଚଳର ବିଦ୍ୟୁତ୍ ସେକସନ / ସବ୍-ଡିଭିଜନ / ଡିଭିଜନ କାର୍ଯ୍ୟାଳୟରେ ଦାଖଲ କରିବେ, ଯଦ୍ୱାରା ଏହାର ତୁରନ୍ତ ସମାଧାନ କରାଯାଇ ପାରିବ ।

ବରିଷ୍ଠ ମହାପ୍ରବନ୍ଧକ (ଏ.ଟି ଏଣ୍ଡ୍ ସି)

ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ସପ୍ଲାଇ ୟୁଟିଲିଟି ଅଫ୍ ଓଡ଼ିଶା
ଇଡ୍‌କୋ ଟାୱାର, ୨ୟ ମହଲା, ଜନପଥ, ଭୁବନେଶ୍ୱର - ୭୫୧୦୨୨, ଓଡ଼ିଶା
ଫୋନ୍ : ୦୬୭୪-୨୫୪୧୫୭୫, ଫ୍ୟାକ୍ସ: ୨୫୪୩୧୨୫
ୱେବ୍‌ସାଇଟ୍ : www.cesuodisha.com / www.cescoorissa.com



**ସେସୁ ବିଦ୍ୟୁତ୍ ଗ୍ରାହକ ତଥା ଜନ ସାଧାରଣ ମାନଙ୍କ ଅବଗତି ନିମନ୍ତେ ଜରୁରୀ ସୂଚନା**

ଏତଦ୍ୱାରା ସେସୁ ଅଧିନସ୍ଥ ସମସ୍ତ ବିଦ୍ୟୁତ୍ ଗ୍ରାହକ ଏବଂ ଜନ ସାଧାରଣ ମାନଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉ ଅଛି ଯେ, ଗତ ତା ୩୦.୦୧.୨୦୧୩ ରିଖରେ "ସେସୁ" (Central Electricity Supply Utility of Odisha) ଏବଂ ମେସର୍ସ ରିଭର ସାଇଡ୍ ୟୁଟିଲିଟି ପ୍ରାଇଭେଟ୍ ଲିମିଟେଡ୍ (RUPL) ମଧ୍ୟରେ ଆଠଗଡ଼ ଇଲେକ୍ଟ୍ରିକାଲ ଡିଭିଜନ, ସାଲେପୁର ଇଲେକ୍ଟ୍ରିକାଲ ଡିଭିଜନ ଏବଂ କଟକ ଇଲେକ୍ଟ୍ରିକାଲ ଡିଭିଜନ ପାଇଁ ହୋଇଥିବା ଡିଷ୍ଟ୍ରିବ୍ୟୁସନ ଫ୍ରାନଚାଇଜ୍ ଏଗ୍ରୀମେଣ୍ଟ (Distribution Franchisee Agreement) ମାନ୍ୟବର ହାଇକୋର୍ଟ, ଓଡିଶାଙ୍କର କେଶ୍ ସଂଖ୍ୟା WPC 10867 of 2018 ତା୨୭.୦୩.୨୦୧୯ ରିଖର ଆଦେଶ ଅନୁଯାୟୀ ଗତ ତା ୩୧.୦୩.୨୦୧୯ ରିଖରେ ସମାପ୍ତ ହୋଇଯାଇଅଛି ।

ଏଣୁ ତା ୦୧.୦୪.୨୦୧୯ ରିଖ ଠାରୁ "ମେସର୍ସ ଆର.ୟୁ.ପି.ଏଲ" ଦ୍ୱାରା ଉପରୋକ୍ତ ୩ଟି ବିଦ୍ୟୁତ୍ ଡିଭିଜନରେ କରାଯାଉଥିବା ସମସ୍ତ କାର୍ଯ୍ୟଗୁଡିକୁ "ସେସୁ" ସମ୍ପାଦନ କରୁଛି । କିନ୍ତୁ ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାଇ ମାର୍ଚ୍ଚ ମାସ ୨୦୧୯ ର ବିଦ୍ୟୁତ୍ ଦେୟ ଆଦାୟ କରିବା ପାଇଁ ଆର.ୟୁ.ପି.ଏଲ ସଂସ୍ଥାକୁ ତା ୦୧.୦୪.୨୦୧୯ ରିଖ ରୁ ତା ୧୦.୦୪.୨୦୧୯ ରିଖ ପର୍ଯ୍ୟନ୍ତ ସୁଯୋଗ ଦିଆଯାଇଥିଲା । ଏଣୁ ଏହି ସମୟ ମଧ୍ୟରେ RUPL ଦ୍ୱାରା ଆଦାୟ କରାଯାଇ ସେସୁରେ ଦାଖଲ ହୋଇଥିବା ବିଦ୍ୟୁତ୍ ଦେୟକୁ ଗ୍ରାହକଙ୍କ ପରବର୍ତ୍ତି ବିଦ୍ୟୁତ୍ ବିଲ୍‌ରେ ପ୍ରତିଫଳନ କରାଯିବ ।

ଉପରୋକ୍ତ ୩ ଟି ବିଦ୍ୟୁତ୍ ଡିଭିଜନର ସମସ୍ତ ବିଦ୍ୟୁତ୍ ଗ୍ରାହକମାନଙ୍କୁ ଅନୁରୋଧ କରାଯାଉ ଅଛି କି, ସେମାନଙ୍କର ସମସ୍ତ ପ୍ରକାର ବିଦ୍ୟୁତ୍ ଦେୟ ସେସୁର କର୍ମଚାରୀଙ୍କୁ ଏବଂ ସେମାନଙ୍କ ଅଞ୍ଚଳରେ ଥିବା ସେସୁ କାର୍ଯ୍ୟାଳୟରେ ପଇଠ କରିବେ ଓ ସେସୁର ରସିଦ୍ ପାଇ ପାରିବେ । ପୁନଶ୍ଚ ବିଦ୍ୟୁତ୍ ଗ୍ରାହକ ତଥା ଜନ ସାଧାରଣ ମାନଙ୍କୁ ଅନୁରୋଧ କରାଯାଉ ଅଛି କି ସେମାନେ ସେମାନଙ୍କର ବିଦ୍ୟୁତ୍ ସମ୍ବନ୍ଧୀୟ ଅଭିଯୋଗମାନ ସେମାନଙ୍କ ଅଞ୍ଚଳର ବିଦ୍ୟୁତ୍ ସେକସନ / ସବ୍-ଡିଭିଜନ / ଡିଭିଜନ କାର୍ଯ୍ୟାଳୟରେ ଦାଖଲ କରିବେ, ଯଦ୍ୱାରା ଏହାର ତୁରନ୍ତ ସମାଧାନ କରାଯାଇ ପାରିବ ।

ବରିଷ୍ଠ ମହାପ୍ରବନ୍ଧକ (ଏ.ଟି ଏଣ୍ଡ୍ ସି)

ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ସପ୍ଲାଇ ୟୁଟିଲିଟି ଅଫ୍ ଓଡ଼ିଶା
ଇଡ୍‌କୋ ଟାୱାର, ୨ୟ ମହଲା, ଜନପଥ, ଭୁବନେଶ୍ୱର - ୭୫୧୦୨୨, ଓଡ଼ିଶା
ଫୋନ୍ : ୦୬୭୪-୨୫୪୧୫୭୫, ଫ୍ୟାକ୍ସ: ୨୫୪୩୧୨୫
ୱେବ୍‌ସାଇଟ୍ : www.cesuodisha.com / www.cescoorissa.com

